## ସମ୍ବଲପୁର ପୁସ୍ତକମେଳା ଦ୍ୱିତୀୟ ଦିନ

# ପରିବାରର ସଂସ୍କୃତି ଶିଶୁର ଭାଷା ନିରୂପଣ କରିଥାଏ

**ସମ୍ବଲପୁର, ୨୨।୧(ସମିସ):** ନ୍ୟାସନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଓ 'ସେତୁ' ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁର ପୁସ୍ତକ ମେଳାର ଦ୍ୱିତୀୟ




ଦିବସ ବେଶ୍ ଆକର୍ଷଣୀୟ ହୋଇଥିଲା। ଅପରାହ୍ନ ସାଢ଼େ ୧୧ଟାରୁ ସାଢ଼େ ୨ଟା ପର୍ଯ୍ୟନ୍ତ ଶିଶୁମାନଙ୍କ କାର୍ଯ୍ୟକ୍ରମରେ 'ଆସ ଓଡ଼ିଶୀ ଶିଖିବା', 'ସୁନୋ କାହାନୀ', 'ଆବୃତ୍ତି' ପ୍ରତିଯୋଗିତା ଓ 'ଶାସ୍ତ୍ରୀୟ ନୃତ୍ୟ' ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତାକାଲି ମଙ୍ଗଳବାର ୱାର୍ଲଡ ଅଫ୍ ଷ୍ଟୋରୀ ଲ୍ୟାଣ୍ଡ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ହେବ। ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ଲେଖକଙ୍କ ସହିତ ସାକ୍ଷାତକାରରେ ସୋମବାର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ସୌଭାଗ୍ୟବନ୍ତ ମହାରଣା ଏବଂ ବିଶିଷ୍ଟ କବି ଡ. ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ଅଖିଳ ମୋହନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ଜାତୀୟ ଶିକ୍ଷାନୀତି-୨୦୨୦ରେ ମାତୃଭାଷାର ମହତ୍ତ୍ୱ'। ଏହି ସଭାରେ 'ସେତୁ' ସଭାପତି ଡ. ମୀନକେତନ ପାଠୀ ଅଧ୍ୟକ୍ଷତା କରିଥିଲେ। ଗଙ୍ଗାଧର ମେହେର କଲେଜର ପ୍ରାକ୍ତନ ଉପାଧ୍ୟକ୍ଷ ଡ. କାମଦେବ ସାହୁ ଓ ଡ. ପର୍ଶୁରାମ ମିଶ୍ର, ଡ. ନିରୁପମା ବଡ଼ପଣ୍ଡା ବିଷୟବସ୍ତୁ ଉପରେ ନିଜସ୍ୱ ମନ୍ତବ୍ୟ ରଖିଥିଲେ। ଭିମସାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ବିମଳ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ଶିଶୁର ବ୍ୟକ୍ତିତ୍ୱ ବିକାଶରେ ମାତୃଭାଷାର ମହତ୍ତ୍ୱ ଏବଂ ତତ୍ ପରିପ୍ରେକ୍ଷୀରେ ଜାତୀୟ ଶିକ୍ଷାନୀତିରେ ହୋଇଥିବା ବ୍ୟବସ୍ଥାମାନ ଆଲୋଚନା କରିଥିଲେ। ପ୍ରଫେସର କାମଦେବ ସାହୁ ମାତୃଭାଷାର ସଜ୍ଞା ନିରୂପଣ କରିବାକୁ ଯାଇ କହିଥିଲେ ଯେ, ଭାଷା ସଂସ୍କୃତି ସହିତ ଓତଃପ୍ରୋତଃ ଭାବେ ଜଡ଼ିତ। ଏଣୁ ଶିଶୁର ପରିବାରର ଭାଷା ଯାହା ହୋଇଥାଉନା କାହିଁକି ସେ ଯେଉଁ ପରିବେଷ୍ଟନୀରେ ବଢ଼ିଥାଏ ସେଠିକାର ସଂସ୍କୃତି ହିଁ ତାର ଭାଷା ନିରୂପଣ କରିଥାଏ। ଡ. ବଡ଼ପଣ୍ଡା ତାଙ୍କ ନିଜସ୍ୱ ଉପଲବ୍ଧିରୁ ଉଦାହରଣ ଦେଇ କହିଲେ ଯେ, ଜନଜାତି ସମ୍ପ୍ରଦାୟର ଶିଶୁ ମାନଙ୍କୁ ଶିକ୍ଷାଦାନ ସମୟରେ ତାଙ୍କ ନିଜ ଭାଷା ଓ ସଂସ୍କୃତିକୁ ନେଇ ଶିକ୍ଷାଦାନ ପ୍ରଣାଳୀ ହେବା ଉଚିତ। ଡ. ପାଠୀ ସବୁଠାରେ ଦ୍ୱିଭାଷିକ ଶିକ୍ଷା ଦିଆଯିବା ଉଚିତ ବୋଲି କହିବାସହ ସମ୍ବିଧାନରେ ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ଭାଷାରେ ପାଠ୍ୟପୁସ୍ତକ ଉପଲବ୍ଧ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତାକାଲି ଲେଖକଙ୍କ ସହିତ ସାକ୍ଷାତକାରରେ କବି ରାମକୃଷ୍ଣ ଓ ଦୁର୍ଗାପ୍ରସାଦ ପଣ୍ଡା ଥିବାବେଳେ ଆଲୋଚନାଚକ୍ରରେ 'ସ୍ୱାଧୀନତା ସଂଗ୍ରାମ: ସମ୍ବଲପୁରର ସଂଗ୍ରାମୀ' ରହିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୀପ୍ତିରେଖା ଓ ଦଳ ଦର୍ଶକଙ୍କୁ ବିମୋହିତ କରିଥିଲେ। ଅସୀମ ପ୍ରଧାନ ଓ ସୀମନ୍ତିକା ଦାସ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ବିଷ୍ଣୁମୋହନ ଓ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

# ବଡ଼ମାଲ 'ଦହନା' ମହୋତ୍ସବ ଉଦ୍‌ଯାପିତ




**ରେଢ଼ାଖୋଲ, ୨୨।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡ଼ମାଲ ପଞ୍ଚାୟତ ସ୍ଥିତ ଟିକିରା ଗୋସେଇଁ ଯୁବକ ସଙ୍ଘ ତରଫରୁ ଦ୍ୱିତୀୟ ବଡ଼ମାଲ ଉତ୍ସବ 'ଦହନା' ମହୋତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଥମେ ଜଗନ୍ନାଥ ମନ୍ଦିର ଓ ଟିକିରା ଗୋସେଇଁ ପୀଠରେ ପୂଜାର୍ଚ୍ଚନା ପୂର୍ବକ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସମଲେଶ୍ୱରୀଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ବନାଞ୍ଚଳ ଅଧିକାରୀ ପ୍ରଦୀପ ସେଠି, ଫାଣ୍ଡି ଅଧିକାରୀ ଗଣେଶ ବାରିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ମହୋତ୍ସବରେ ପ୍ରଥମେ ଦୁଲଦୁଲିର ତାଳେ ତାଳେ ଲୋକକଳା ଦଣ୍ଡନୃତ୍ୟରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ବରଗଡ଼ କଳାଜୀବୀ ଅନୁଷ୍ଠାନ ଦ୍ୱାରା ଲୋକନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଓ ଅବସରପ୍ରାପ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ ପ୍ରମୁଖ ମଞ୍ଚାସୀନ ରହି ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଲୋକକବି ରତ୍ନ ପଦ୍ମଶ୍ରୀ ହଳଧର ନାଗଙ୍କୁ ଦହନା ପରିବାର ତରଫରୁ ସମ୍ମାନିତ କରାଯିବା ସହ ତାଙ୍କ ଲୋକକଳା କବିତା ଦର୍ଶକଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା। ଏହାପରେ ମଞ୍ଚରେ ବିଭିନ୍ନ ପ୍ରତିଭା ଯଥା ଓଡ଼ିଶାର ସର୍ବଶ୍ରେଷ୍ଠ ୟୁଟ୍ୟୁବର ଅଜା କିଚେନ୍‌ର ସୁଧାଂଶୁ ଶେଖର ସାହୁ, ଡ଼ିଡ଼ି କୋଶଳ ୟୁ-ଟ୍ୟୁବର ରାଜେଶ ଦେହୁରୀ, ସେବା ପାଇଁ ଶ୍ରୀପତି ସାହୁ, ଓଡ଼ିଶା ଡ୍ରାଇଭର ସଙ୍ଘ ରେଢ଼ାଖୋଲ ବ୍ଲକ କମିଟି, ରେଙ୍ଗାଲି ଲୋକ ମହୋତ୍ସବ କମିଟି, ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ମାଟିର ପୁଅ ଅଧିକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର ଜଗତଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ସହସ୍ରାଧିକ ଦର୍ଶକ ମନ୍ତ୍ରମୁଗ୍ଧ ହୋଇ ରହିଥିଲେ। ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସାଶ୍ୱତ ତ୍ରିପାଠୀ, ଅଙ୍କିତ ରାଜ, ରାଜୁ ନନ୍ଦ, ପଦ୍ମଶ୍ରୀ ଖଟେଇଙ୍କ ଟିମ୍ ଦ୍ୱାରା ସମ୍ବଲପୁରୀ ମେଲୋଡିରେ ଦର୍ଶକ ଝୁମୁଥିବା ଦେଖିବାକୁ ମିଳିଥିଲା। ମଞ୍ଚକୁ ରାଜେନ୍ଦ୍ର ଜଗତ ଓ ସୁବ୍ରତ ତ୍ରିପାଠୀ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସଭାପତି ଧର୍ମୁଧର ପ୍ରଧାନ, ସମ୍ପାଦକ ରାଜକିଶୋର ପ୍ରଧାନ, ଦେବାଶିଷ ସାହୁ, ଦୀପକ ସାହୁ, ସୁଜିତ ନନ୍ଦ, ସୁରେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଦର୍ଶକଙ୍କ ସହଯୋଗ ପାଇଁ ଷଡ଼ାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋନିକାଙ୍କୁ ମିଳିଲା ରାଉରକେଲା ଏନ୍‌ଆଇଟିରୁ ସ୍ୱର୍ଣ୍ଣପଦକ

**କୁଚିଣ୍ଡା, ୨୨।୧(ସମିସ):** ନିଜର ଇଚ୍ଛାଶକ୍ତି ହିଁ ଜଣଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ। ନିଜ ସାଧନା ଓ ଇଚ୍ଛାଶକ୍ତି ବଳରେ ଏଭଳି ସଫଳତା ପାଇଛନ୍ତି ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଲି ଗ୍ରାମର ସୋନିକା ନାଥ। ରାଉରକେଲା ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକନୋଲୋଜିରୁ ବେଷ୍ଟ ପିଜି ଏମ୍‌ବିଏ ପାଇଁ ସେ ସ୍ୱର୍ଣ୍ଣ ପଦକ




ହାସଲ କରିଛନ୍ତି। ଏହି ଗୌରବ ଏନ୍‌ଆଇଟିରେ କୋଲ୍ ଇଣ୍ଡିଆର ସିଏମଡି ପୋଲାଭରପୁ ମଲ୍ଲିକାର୍ଜୁନ ପ୍ରସାଦଙ୍କ କରକମଳରୁ ସେ ଏହି ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ସୁଶ୍ରୀ ସୋନିକା ଏହି ପଦକ ହାସଲ କରି କୁଲୁଣ୍ଡି ଗ୍ରାମପଞ୍ଚାୟତ, ଜମନକିରା ବ୍ଲକ ତଥା ସାରା ସମ୍ବଲପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏଏମବିଏ ପୂର୍ବରୁ ସେ ଗୁଣପୁର ଜିଆଇଇଟି ଅନୁଷ୍ଠାନରୁ ବିବିଏ ଡିଗ୍ରୀ ହାସଲ କରିଥିଲେ। ତାଙ୍କର ସ୍କୁଲ କ୍ୟାରିଅର ସମ୍ବଲପୁର ଧନୁପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସମାପନ ହୋଇଥିଲା। ସୁଶ୍ରୀ ସୋନିକା ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୌଡପାଲି ଗ୍ରାମର ଗୌନ୍ତିଆ ପରିବାରର ସ୍ୱର୍ଗତ ଦିଲୀପ ନାଥ ଓ ନମ୍ରତା ନାଥଙ୍କ କନ୍ୟା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ସମାଜସେବୀ ଡା.ରାଜାରାମ ଷଡଙ୍ଗୀ, ସୁରଜ ମହଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ.ମନୋଜ କୁମାର ପଣ୍ଡା, ଶ୍ରୀକାନ୍ତ ମିଶ୍ର, ରାଜେନ୍ଦ୍ର କୁମାର ବେହେରା, ନିମାଇଁ ମହାକୁଡ, ସୁବାସ ନାଥ ଶର୍ମାଙ୍କ ସହିତ ଗୌଡପାଲି ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପିତ



**ନାକଟିଦେଉଳ, ୨୨।୧(ସମିସ):** ନାକଟିଦେଉଳ ବ୍ଲକର ୨ଟି ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ବିଧାୟକ ରୋହିତ ପୂଜାରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତ ସ୍ଥାପନ କରାଯାଇଛି। ନାକଟିଦେଉଳ ବ୍ଲକ ପୂର୍ତ୍ତ ବିଭାଗ ଅଧିନସ୍ଥ ଗୋଧିଡ଼ିପ-ବଳମ, ବରଘାଟ ରାସ୍ତା ନବୀକରଣ ପାଇଁ ଏବଂ ବାଟଗାଁ ଠାରୁ ଆମ୍ବଝରୀ ରାସ୍ତା ନବୀକରଣ ପାଇଁ ରେଢାଖୋଲ ବିଧାୟକ ଙ୍ଗ ରୋହିତ ପୂଜାରୀ ଭିତିପ୍ରସ୍ଥର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଜେଡି ବ୍ଲକ ଯୁବ ସଭାପତି ଧିରେନ କୁମାର ସାହୁ, ଜୋନ ୨ ଜିଲ୍ଲାପରିଷଦ ସଦସ୍ୟା ଟିକେଶ୍ୱରୀ ମେହେର, ପିଣ୍ଟୁ ଧଳ, ସାଗର ସାହୁ, ଅନାଦି ଚରଣ ସାହୁ, ଆକାଶ ମେହେରଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ଥିଲେ।

# ହତ୍ୟା ଅଭିଯୋଗରେ ଜେଲ୍ ଗଲେ ଦମ୍ପତି

**ରେଙ୍ଗାଲି, ୨୨।୧(ସମିସ):** ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନା ୨ନମ୍ବର ଗେଟ୍ ସାମ୍ନାରେ ଥିବା ଏକ ଷ୍ଟଲ୍ ପଛପଟ ଝୁପୁଡ଼ିରେ ଗତ ୧୯ ତାରିଖ ରାତିରେ ସମରସିଂହ ରାଜପୁତ (୩୮) ନାମକ ଜନୈକ ଯୁବକର ଗଳାକାଟି ହତ୍ୟା କରାଯାଇଥିଲା। ରେଙ୍ଗାଲି ପୁଲିସ ଏହାର ତନାଘନା କରି ଏଥିରେ ସଂପୃକ୍ତ ଥିବା ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ କରମଟୁଲିର ପ୍ରେମକୁମାର ପ୍ରଧାନ (୨୯) ଓ ତା'ପତ୍ନୀ ପିଙ୍କିଦେବୀ ରାଓଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ରେଙ୍ଗାଲି ଆଇଆଇସି ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ବାଉଁଶ ବାଡ଼ି, ଲୁହା ବିନ୍ଧାଣୀ ଓ ଛୁରୀ ଜବତ କରାଯାଇଛି। ଷ୍ଟଲ୍ ମାଲିକ ରବି ଓରାମର ସୂଚନା ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ପୁଲିସ ତଦନ୍ତ ଚାଲିଥିଲା।

# ପୁରପଲ୍ଲୀ ସବୁଠି ଜୟ ଶ୍ରୀରାମ








**କୁଚିଣ୍ଡା, ୨୨।୧(ସମିସ):** ଅଯୋଧ୍ୟାରେ ଭବ୍ୟ ପ୍ରଭୁ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅବସରରେ କୁଚିଣ୍ଡା ମନ୍ଦିର ଛକ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସବୁଠି ଭକ୍ତିର ବାତାବରଣ ସୃଷ୍ଟି କରିଛି। ଯେଉଁଆଡ଼େ ଚାହିଁବେ ଗୈରିକ ରଙ୍ଗର ପତାକା ସହ ତୋରଣ ଛାଇ ହୋଇଯାଇଛି। ସତେ ଯେମିତି କୁଚିଣ୍ଡା ରାମ ରସରେ ବିଭୋର। ମନ୍ଦିର ଛକ ଦୁର୍ଗା ମଣ୍ଡପରେ ପୂର୍ବାହ୍ନରୁ ଯଜ୍ଞ ସାଙ୍ଗକୁ ପୂଜାର୍ଚ୍ଚନା ସହ ଅଖଣ୍ଡ ରାମାୟଣ ପାଠ ଓ ଭବ୍ୟ ରାମ ଝାଁକି ସକାଳ ୧୦ ତାରର ଜଗନ୍ନାଥ ମନ୍ଦିରରୁ ପୁରୁଣା ବସଷ୍ଟାଣ୍ଡକୁ ବାଳକ ବାଳିକା ମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଜଟାୟୁ ସବରି ଇତ୍ୟାଦି ବେଶ ହୋଇ ବିଭିନ୍ନ ପ୍ରାନ୍ତରୁ ଆସିଥିବା କୀର୍ତ୍ତନ ଦଳଙ୍କ ବାଦ୍ୟର ତାଳେ ତାଳେ ପହଞ୍ଚିଥିଲେ। ଅପରାହ୍ନରେ ପୁରୀ ରୋଷେୟାଙ୍କ ଦ୍ୱାରା ପ୍ରସ୍ତୁତ ଜଗନ୍ନାଥ ପୁରୀର ଅବଢ଼ା ପ୍ରସାଦ ସେବନର ବ୍ୟବସ୍ଥା ଶ୍ୟାମ ମଣ୍ଡଳୀ ଦ୍ୱାରା ବ୍ୟବସ୍ଥା କରାଯାଇଥିଲା। ଅବଢ଼ା ସେବନ ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ ସାମିଲ ହୋଇ ଅବଢ଼ା ସେବନ କରିଥିଲେ। ବସଷ୍ଟାଣ୍ଡ ଠାରେ ନେପାଳର ଗଣ୍ଡକି ନଦୀରୁ ଅଣାଯାଇଥିବା ଶ୍ରୀରାମ ଶିଳା ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାପରେ ସନ୍ଧ୍ୟା ହନୁମାନ ଚାଳିଶା ପାଠ ସହ ବସଷ୍ଟାଣ୍ଡ ଠାରେ ଦୀପୋତ୍ସବ ପାଳନ ହୋଇଥିଲା। ଏହି ଅବସରରେ ଶ୍ରୀରାମ ଭକ୍ତବୃନ୍ଦ ଓ ମହିଳା ମା'ମାନେ ଦୀପ ଜଳାଇ ଦୀପାବଳି ମାହୋଲ ସୃଷ୍ଟି କରିବା ସହ ପ୍ରତ୍ୟେକ ଘରକୁ ମଧ୍ୟ ଦୀପ ଜଳାଇ ଆଲୋକିତ କରିଥିଲେ। ରାମ ଧ୍ୱନିରେ ସମସ୍ତ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା।

**ନାକଟିଦେଉଳ:** ଅଯୋଧ୍ୟା ଶ୍ରୀରାମ ମନ୍ଦିର ଓ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଅସରରେ ଆଜି ନାକଟିଦେଉଳ ସ୍ଥିତ ଶ୍ରୀରଘୁନାଥ ଜୀଉ ମନ୍ଦିର ଠାରେ ମହାଆଡ଼ମ୍ବରରେ ଦୀପ ପ୍ରଜ୍ୱଳନ ସହ ପୂଜା କରାଯାଇଥିଲା। ଏହି ଅବସରରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଟିକିରା ଚମ୍ପାଳୀ ନଦୀର ସଂଗମସ୍ଥଳରୁ ପୂର୍ଣ୍ଣ ଜଳ ଆଣି ଗ୍ରାମର ଶତାଧିକ ମହିଳା ନାମ ସଂକୀର୍ତନ ସହ ଶୋଭାଯାତ୍ରାରେ ବାହାରି



ଗ୍ରାମ ପରିକ୍ରମା କରିଥିଲେ। ଶ୍ରୀ ରଘୁନାଥ ଜୀଉ ମନ୍ଦିର ଠାରେ ପୌରୋହିତ୍ୟଙ୍କ ଠାରେ ସ୍ୱତନ୍ତ୍ର ପୂଜା ହୋମ କରାଯାଇଥିଲା। ଏଥିରେ ଗ୍ରାମବାସୀ ସମେତ ଆଖପାଖର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ମନ୍ଦିର ପରିସର ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହେଉଥିବା ଦେଖିବାକୁ ମିଳିଥିଲା।

**ରେଙ୍ଗାଲି:** ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ସବ ମୁଖରିତ ହୋଇଉଠିଛି ସାରା ଭାରତ। ପୂର୍ବ, ପଶ୍ଚିମ, ଉତ୍ତର ଦକ୍ଷିଣ ସବୁଠି ରାମମୟ ସାରା ଦେଶ। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ମଧ୍ୟ ରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଉତ୍ସବ ମୁଖରିତ ହୋଇଉଠିଛି। ରେଙ୍ଗାଲି ବ୍ଲକର ରେଙ୍ଗାଲି ସହରରେ ଥିବା ସମସ୍ତ ମନ୍ଦିରରେ ପୂଜା ପାଠ, ହନୁମାନ ଚାଳିଶା ପାଠ କରାଯାଇଛି। ରମ୍ପେଲା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀରାମଙ୍କ ପ୍ରାଣ ପ୍ରାତିଷ୍ଠା ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବ୍ଲକ ର ଲପଙ୍ଗା, ଲଇଡ଼ା ସମସ୍ତ ଗ୍ରାମରେ ରାମଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ପୂଜା ଅନୁଷ୍ଠିତ ହେବା ସହ ଭକ୍ତଙ୍କ ପାଇଁ ପ୍ରସାଦର ମଧ୍ୟ ଆୟୋଜନ କରାଯାଇଥିଲା।

**ଝୁଝୁମୁରା:** ଆଜି ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଦିବସ। ଅଯୋଧ୍ୟା ଏଥିପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମେଳରେ ଜନସମୁଦ୍ରରେ ପରିଣତ। ସମଗ୍ର ଦେଶର ପୁରପଲ୍ଲୀରେ ଆନନ୍ଦ ଉତ୍ସବ ଦେଖିବାକୁ ମିଳିଥିଲା। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଥିଲେ ଧର୍ମ, ନ୍ୟାୟ ଓ ସତ୍ୟର ପ୍ରତୀକ। ଆଜିର ଦିନରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିଧିପୂର୍ବକ ପୂଜା କଲେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମସ୍ତ ମନସ୍କମନା ପୂରଣ ହେବା ବିଶ୍ୱାସରେ ଗାଁ ଗାଁ, ସହର ଓ ସାହି ପଡ଼ିଶାରେ ଶ୍ରୀରାମଙ୍କୁ ନେଇ ବଢ଼ିଛି ଶ୍ରଦ୍ଧା ଓ ପୂଜାବିଧି ହୋଇଥିଲା। ଗ୍ରାମ ଓ ଆଖପାଖ ଅଞ୍ଚଳର ଆବାଳବୃଦ୍ଧବନିତା ଏକ ହୋଇ ନେଇଥିଲେ ରାମ ନାମ। ରାମ ନାମରେ କମ୍ପୁଛି ଝୁଝୁମୁରା ବ୍ଲକ ହୀରୋ ଗ୍ରାମ। ଘରେ ଚିତା ଓ ଧୂପ ଦୀପର ଆଲୋକ ମାଳା ଓ ସୌନ୍ଦର୍ଯ୍ୟର ମହକ ବାସୁଛି ହୀରୋ ଗ୍ରାମ। ଏହି ଅବସରରେ ପଣ୍ଡିତ ଶିବ ଶଙ୍କର ପଣ୍ଡାଙ୍କ ପୌରହୀତ୍ୟ ଓ ନରେଶ ପ୍ରଧାନ ଓ ଟିକି ପ୍ରଧାନଙ୍କ କର୍ତ୍ତୃତ୍ୱରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମ ଓ ଅଞ୍ଚଳବାସୀଙ୍କ ସହିତ ହୀରୋ ଗ୍ରାମର ସୁଶ୍ରୀ ସୁପ୍ରିୟା ପଟ୍ଟା, କାଦୋବାହାଲ ବହାହମୁଣ୍ଡାର ପୁଷ୍ପା ବନଛୋର ଓ ବରଗଡ଼ ଭାଙ୍ଗକୁଦର ପିଙ୍କି ବିଶିଙ୍କ ସଂକୀର୍ତ୍ତନ କରିଥିଲେ। ଏଥି ପାଇଁ ହୀରୋ ଗାଁ ଉତ୍ସବ ମୁଖର ହୋଇଉଠିଛି। ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ସମାଜସେବୀ ଡା.ରାଜାରାମ ଷଡଙ୍ଗୀ, ସୁରେନ୍ଦ୍ର ବଗର୍ତ୍ତି ପ୍ରମୂଖ ଯୋଗଦାନ କରି ପ୍ରଭୁ ଦର୍ଶନ କରିଥିଲେ। ଯୁଧିଷ୍ଠିର ମିର୍ଦ୍ଧା, ସଚ୍ଚିଦାନନ୍ଦ ନାଏକ, ଗିରିଶ ପ୍ରଧାନ ପ୍ରମୂଖଙ୍କ ସହ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ଯୋଗଦାନ କରିଥିବା ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ଦେଇଥିଲେ।






## Computer Application ରେ Ph.D. ଲାଭ



ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡା ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ତଥା ଅଧ୍ୟାପକ ସଂଗ୍ରାମ କେଶରୀ ନାୟକ Sri Satya Sai University of Technology and Medical Sciences, Sehore (MP)ରୁ Computer Application ରେ ସମ୍ମାନଜନକ ଭାବେ ଡ଼କ୍ଟରେଟ ଉପାଧି ଲାଭ କରିଛନ୍ତି | ସେ ଏହି ବିଶ୍ୱବିଦ୍ୟାଳୟର Computer Application ବିଭାଗର Associate Professor ଡ଼କ୍ଟର ନରେନ୍ଦ୍ର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ "Develop a Model for Energy Balancing and Reliable Communication for Green IoT" ଶୀର୍ଷକରେ Ph.D. ଉପାଧି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି | ଉକ୍ତ ସନ୍ଦର୍ଭଟି Siksha 'O' Anusandhan University, Bhubaneswar ର Associate Professor ଡ଼କ୍ଟର ଭୁପେନ୍ଦ୍ର କୁମାର ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଅଛି | ଡ଼କ୍ଟର ନାୟକ ପୁରୀ ଜିଲ୍ଲା ଗୋମୁଣ୍ଡିଆ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଓ ମଞ୍ଜୁଲତା ନାୟକଙ୍କ କନିଷ୍ଠ ପୁତ୍ର ତଥା ବାଘମୁଣ୍ଡା ନିବାସୀ ✔ ସୁରେନ୍ଦ୍ର କୁମାର ପ୍ରଧାନ ଓ ଶ୍ରୀମତୀ ପ୍ରଧାନଙ୍କ ଜ୍ୟେଷ୍ଠ ଜାମାତା ଅଟନ୍ତି | ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ଭାଇ, ଭାଉଜ, ମାମୁଁ ସନାତନ ପ୍ରଧାନ, ମାଇଁ, ଶାଶୁ, ଶଶୁର, ଦଦା ଶଶୁର ସୁବାସ ଚନ୍ଦ୍ର ପ୍ରଧାନ, ଧର୍ମପତ୍ନୀ ସ୍ୱର୍ଣ୍ଣ ପ୍ରଭା ପ୍ରଧାନ, ପୁଅ ନିଲ୍ ନିହାନ୍ତ, ଝିଅ ମୁସ୍କାନ, ଝିଆରୀ ରିୟାନସି, ଐଶ୍ୱର୍ଯ୍ୟା, ପୁତୁରା ଅବିନାଶ, ସାଙ୍ଗସାଥି, ଗୁରୁଜନଙ୍କୁ ଶ୍ରେୟ ଦେବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସସର ବିଶ୍ୱରଂଜନ ଧଳଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି |ସର୍ବୋପରି ଜଗତର ନାଥ ଜଗନ୍ନାଥ, ଇଷ୍ଟଦେବ ବଟେଶ୍ୱର, ଜଗତ ଜନନୀ ମା ତାରାଣୀଙ୍କ ନିକଟରେ ନିଜ କୃତିତ୍ୱକୁ ଉତ୍ସର୍ଗୀକୃତ କରିଛନ୍ତି|

# ବେଦିକ୍ କଲେଜ ଛାତ୍ରଛାତୀଙ୍କୁ ମନ୍ତ୍ରୀ ଦେଲେ ନିଯୁକ୍ତିପତ୍ର

**ସମ୍ବଲପୁର, ୨୨।୧(ସମିସ):** ଏନ୍‌ଏସ୍‌ଡିସି ପକ୍ଷରୁ ଧନକଉଡ଼ା ସ୍କୁଲ ପଡ଼ିଆରେ କୌଶଳ ଭାରତ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପଞ୍ଜିକୃତ ଯୁବ ପୀଢିଙ୍କ ପାଇଁ ବଡ଼ ବଡ଼ କମ୍ପାନୀ ପକ୍ଷରୁ ନିଯୁକ୍ତିର ସୁଯୋଗ ଦିଆଯାଇଥିଲା। ୧୮ ବର୍ଷରୁ ୩୫ ବୟସ ସୀମା ରହିଥିଲା। ଏହି ମେଳାରେ



ଶାସନ ସ୍ଥିତ ବେଦିକ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ନିଜର ଦକ୍ଷତା ପ୍ରଦର୍ଶନ କରି ବିଭିନ୍ନ ସ୍ଥାନରେ ସେମାନେ ନିଯୁକ୍ତିର ସୁଯୋଗ ଲାଭ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବେଦିକ ଡିଗ୍ରୀ କଲେଜର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହି ସୌଭାଗ୍ୟ ଲାଭ କରିଥିବା ଛାତ୍ରଛାତ୍ରୀ ହେଉଛନ୍ତି- ଖୁସି ସାହୁ, ସାଇମା ପରବୀନ, ଆୟୁଷ ହୋତା, ରେଶ୍ମା ଭୋଇ, ମୋହିତ ଅଗ୍ରୱାଲ, ରିଚାର୍ଡ ଜି. ମାର୍ଟିନ, ଆଶୁତୋଷ ନାୟକ, ଅମନ କୁମାର ପ୍ରଧାନ, ବିଶ୍ୱନାଥ ପୁରୋହିତ ଓ ବର୍ଣ୍ଣି ତନସେନା। ଏହି ସଫଳତା ପାଇଁ ବୈଦିକ ଡିଗ୍ରୀ କଲେଜର ଚେୟାରମେନ ଆନନ୍ଦ ଅଗ୍ରୱାଲ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




# ମହୁଲପାଲିରେ ଏସ୍‌ଡିଏ ଅଧ୍ୟକ୍ଷା ସୁଶୀଳା ଭୋଇ



**ପଦ୍ମପୁର ୨୨।୧ (ସମିସ):** ବରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶୀଳା ଭୋଇ ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ମହୁଲପାଲିରେ ଆଦିବାସୀଙ୍କ ଉନ୍ନୟନ ପାଇଁ ଆଲୋଚନା କରିଛନ୍ତି। ସେ ଆଦିବାସୀ ସାଂସ୍କୃତିକ ଭବନ ପାଇଁ ଆଠ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଆଦିବାସୀ ସଂସ୍କୃତି, ଐତିହ୍ୟ, ପରମ୍ପରା, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରବୀନ୍ଦ୍ର ବରିହା, ଗୁରୁବାରୁ ବରିହା, ଦିବ୍ୟକିଶୋର ବରିହା, ନରେନ୍ଦ୍ର ବରିହା, ଉଦୟ ନାଏକ, ପୃଥ୍ୱୀରାଜ ବରିହା, ହରିଚନ୍ଦ୍ର ଧରୁଆ, ଯୋଗେଶ୍ୱର ଧରୁଆ, ଯୋଗୀନ୍ଦ୍ର ବରିହା ଅଂଶଗ୍ରହଣ କରିଥିଲେ।

# ଆଦିତ୍ୟ ଗୋୟଲ ବରଗଡ଼ର ୩୦ତମ ଜିଲ୍ଲାପାଳ

**ବରଗଡ଼,୨୨।୧(ସମିସ)**

ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜିଙ୍କୁ ବଦଳି ହୋଇଥିବା ବେଳେ ଜିଲ୍ଲା ପରିଷଦର ସିଇଓ ଭାବେ କାର୍ଯ୍ୟରତ ଆଇଏଏସ ଆଦିତ୍ୟ ଗୋୟଲ ବରଗଡ଼ର ନୂଆ ଏବଂ ୩୦ତମ ଜିଲ୍ଲାପାଳ ହେବେ ବୋଲି ଜଣାପଡ଼ିଛି। ଓଡ଼ିଶା ସରକାରଙ୍କ ଜେନେରାଲ ଏଡ଼ମିନିଷ୍ଟ୍ରେସନ ଓ ପବ୍ଲିକ ଗ୍ରିଭିଏନ୍ସ ବିଭାଗ ତରଫରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଶ୍ରୀମତୀ ବାନାର୍ଜିଙ୍କୁ ଭୁବନେଶ୍ୱର ସମାଜ ମଙ୍ଗଳ ବିଭାଗର ନିର୍ଦ୍ଦେଶିକା ଭାବେ ବଦଳି ହୋଇଛି। ବରଗଡ଼ରେ ଗତ ଏକବର୍ଷ ହେଲା ସିଡ଼ିଓ/ଜିଲ୍ଲା ପରିଷଦର ସିଇଓ ଭାବେ କାର୍ଯ୍ୟରତ ୨୦୧୯ ବ୍ୟାଚର ଆଇଏଏସ ଅଧିକାରୀ ଆଦିତ୍ୟ ଗୋୟଲଙ୍କୁ ବରଗଡ଼ର ନୂଆ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ ୩୧ ବର୍ଷ ବୟସର ବରଗଡ଼ ଜିଲ୍ଲାର ୨୯ତମ ତଥା ୫ମ ମହିଳା ଜିଲ୍ଲାପାଳ ଭାବେ ମୋନୀଷା ବାନାର୍ଜି ଯୋଗ ଦେଇଥିବା ବେଳେ ଠିକ ନିର୍ବାଚନ ପୂର୍ବରୁ ତାଙ୍କୁ ବଦଳି କରାଯାଇଛି। ଫଳରେ ଜିଲ୍ଲାର ୩୦ତମ ଜିଲ୍ଲାପାଳ ଭାବେ ଶ୍ରୀ ଗୋୟଲ ଯୋଗଦେବାକୁ ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେ ନିର୍ବାଚନ ତାଲିମରୁ ଫେରି ନଥିବାରୁ ତାଙ୍କର ମତାମତ ନିଆଯାଇ ପାରିନାହିଁ।



## ଗଳିତ ଶବ ଉଦ୍ଧାର

**ଝାରବନ୍ଧ, ୨୨।୧(ସମିସ):** ଝାରବନ୍ଧ ଥାନା ଭୈଷାଦର୍ହା ଛତିଶଗଡ ବସନା ରାସ୍ତା ଚିରାଳନାଲା ପୋଲ ପାଖରୁ ଏକ ଅଚିହ୍ନା ଗଳିତ ଶବକୁ ପୁଲିସ ଉଦ୍ଧାର କରିଛି। ଆଇଆଇସି ଶୁଚିସ୍ମିତା ମହାନ୍ତି, ଏସଆଇ ପିକେ ଶବର ଓ ଅନ୍ୟ ସହକର୍ମୀ ଘଟଣାସ୍ଥଳକୁ ପହଞ୍ଚିଥିଲେ। ନିକଟସ୍ଥ ଗ୍ରାମବାସୀଙ୍କ ସହ ଯୋଗାଯୋଗ କରି ମଧ୍ୟ ପରିଚୟ ମିଳି ନ ଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁକରି ସାଇଣ୍ଟିଫିକ ଟିମକୁ ଖବର ଦିଆଯାଇଥିଲା। ସେମାନେ ତଦନ୍ତ କଲା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁରକୁ ପଠାଇ ତଦନ୍ତ ଜାରି ରହିଛି।

## ବାଞ୍ଜିପାଲିରେ ରକ୍ତଦାନ ଶିବିର

**ବରପାଲି,୨୨।୧(ସମିସ):** ଅଯୋଧ୍ୟା ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସରରେ ବରପାଲି ବ୍ଲକ ବାଞ୍ଜିପାଲି ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟାପାଲି ପଞ୍ଚାୟତ ସରପଞ୍ଚ ଗଙ୍ଗାଧର ଦାଶଙ୍କ ଦ୍ୱାରା ଶିବିର ଉଦଘାଟିତ ହୋଇଥିଲା। ଶିବିରରେ ପାଞ୍ଚଜଣ ମହିଳାଙ୍କ ସମେତ ଏକ ଯୁବ ଦମ୍ପତିଙ୍କ ସହ ଯୁବ ରକ୍ତଦାତାଙ୍କ ସହାୟତାରେ ୩୫ ୟୁନିଟ୍ ରକ୍ତଥୈଳି ସଂଗୃହିତ ହୋଇଥିଲା। ଆଲୋକ ଦାଶ, ସମୀର ଦାଶ, ସାନନ୍ଦ ବାରିକ, ଲୋକନାଥ ପ୍ରଧାନ, ସତ୍ୟବାନ୍ ସାହୁ, ତୋଷବନ୍ତ ବାରିକ, ଇଶ୍ୱର ନାୟକ, ସିଦ୍ଧେଶ୍ୱର ପ୍ରଧାନ ତଥା ଅନେକ ଯୁବକ କର୍ମକର୍ତ୍ତା ସହଯୋଗ କରିଥିଲେ।

# ୫-ଟି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କଲେ ଡୁମାଲ ଜାତି ସମାଜ

**ବରଗଡ଼,୨୨।୧(ସମିସ):** ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଡୁମାଲ ଜାତି ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ମାଁ ମାହେଶ୍ୱରୀ ସଂସ୍କୃତି ପରିଷଦର କର୍ଣ୍ଣ, ବରିଷ୍ଠ ଉପଦେଷ୍ଟା ମୁରଲୀଧର ପାତ୍ର ମା'ଙ୍କ ଏକ ହାତବୁଣା ଚିତ୍ର ଉପହାର ପ୍ରଦାନ କରିଥିବା ବେଳେ ରାଜ୍ୟ ସଭାପତି ପଦ୍ମଶ୍ରୀ ହଳଧର ନାଗଙ୍କ ରଚିତ ମାଁ ମାହେଶ୍ୱରୀ ପୁରାଣ, କବି ତ୍ରିଲୋଚନ କମ୍ପଙ୍କ ରଚିତ ମାଁ ମାହେଶ୍ୱରୀ ଚାଲିଶା, ଜାତିର ପ୍ରଚାର ପତ୍ର ଆମେ ଡୁମାଲ ଓ ଡୁମାଲ ସମାଚାର ଉପହାର ଭାବେ ପ୍ରଦାନ କରିଥିଲେ।



ରାଜ୍ୟ ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଉପଦେଷ୍ଟା ଫକିର କର୍ଣ୍ଣ, ପାଣ୍ଡବ କର୍ଣ୍ଣ, କୁରୁଆଁ ସରପଞ୍ଚଳ, ରାଜ୍ୟ ଡୁମାଲ ଜାତିର ବରିଷ୍ଠ ସଦସ୍ୟ, କାର୍ଯ୍ୟକର୍ତ୍ତା, ଜନପ୍ରତିନିଧି ଭୁବନେଶ୍ୱରରେ ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସଦସ୍ୟ ସାନନ୍ଦ ... ଐତିହାସିକ ପର୍ଯ୍ୟଟନ ପୀଠ ପପଙ୍ଗା ପାହାଡ ପାଦଦେଶରେ ୫-ଟି ଅନୁଦାନରେ ନିର୍ମିତ ହେଉଥିବା ମାଁ ମାହେଶ୍ୱରୀ ସଂସ୍କୃତି ଭବନର ସଂପୂର୍ଣ୍ଣିକରଣ ପାଇଁ ଆହୁରି ଅନୁଦାନ ପ୍ରଦାନ ଏବଂ ଶ୍ରୀକ୍ଷେତ୍ର ପୁରୀରେ ଏକ ସଂସ୍କୃତିଭବନ ନିର୍ମାଣ ପାଇଁ ଜାଗା ଓ ଅନୁଦାନ ପ୍ରଦାନ କରିବା ସମ୍ବନ୍ଧେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଲିଜେଣ୍ଡ କ୍ରିକେଟ ଉଦ୍‌ଯାପିତ

**ବରପାଲି,୨୨।୧ (ସମିସ):** ବରପାଲି ବ୍ଲକ ବନ୍ଧପାଲିରେ ଆୟୋଜିତ ଚାରିଦିନିଆ ଲିଜେଣ୍ଡ୍ର କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଲିଜେଣ୍ଡ୍ର କ୍ରିକେଟ ଏସୋସିଏସନ, ବନ୍ଧପାଲି ପକ୍ଷରୁ ଆୟୋଜିତ ତୃତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ୮ଟି ଦଳ ସାମିଲ ହୋଇଥିଲେ। ଫାଇନାଲରେ ବଲାଙ୍ଗିର ଦଳକୁ ହରାଇ କଟାପାଲି ଶ୍ରେଷ୍ଠ ଦଳ ଭାବରେ ପୁରସ୍କୃତ ହୋଇଛି। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ଲିମିଟେଡ଼ ଉପସଭାପତି ବିରୋସନ ସାହୁ, ସମ୍ମାନିତ ଅତିଥି ଭାବେ ବରପାଲି ପାକ୍ସ ସଭାପତି ଗୁରୁ ମେହେର, ସନତ ଗଡତିଆ, ଆନନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପରିଚାଳନା କରିଥିଲେ ଗଜପତି ମେହେର, ପିଙ୍କୁ ବେହେରା, ପପ୍ପୁ ଦାଶ ଓ ମଣ୍ଟୁ ଗହିର। ପ୍ରଫୁଲ୍ଲ ମେହେର, ହରି ମେହେର, ରଞ୍ଜୁ ମେହେର, ଲଳିତ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ବିକାଶ ସଙ୍କଳ୍ପ ଉତ୍ସବ

**ବରପାଲି,୨୨।୧ (ସମିସ):** ବରପାଲି ବ୍ଲକ ଲେଣ୍ଡା ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ବାସୀଙ୍କ ଗହଣରେ ସଙ୍କଳ୍ପ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସରପଞ୍ଚ ସୁଜାତା ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଡିଓ ପ୍ରସନ୍ନ ପାଣ୍ଡେ, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ଗୋବିନ୍ଦ ସାହୁ, ବିମଳା ବିଶି ପ୍ରମୁଖ ଯୋଗ ଦେଇଥିଲେ। ଡିରେକ୍ଟର ବେହେରାଙ୍କ ସଂଯୋଜନାରେ ସଂଚାଳିତ ସଭାରେ ପ୍ରମୋଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ରାଜ୍ୟ ସରକାଙ୍କ ନୂଆଁ ଓଡିଶା ମୋ ଓଡିଶା ଅନ୍ତର୍ଗତ ପଞ୍ଚାୟତକୁ ମିଳିଥିବା ଏକ କୋଟି ମୂଲ୍ୟର ସହାୟତା ରାଶିର ସଠିକ ବିନିଯୋଗ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅତିଥି ଓ ପଞ୍ଚାୟତବାସୀଙ୍କ ସହ କର୍ମକର୍ତ୍ତାମାନେ ଉଚିତ ବିନିଯୋଗ ଧାରାରେ ଏକ ସ୍ୱତନ୍ତ୍ର ଆଦର୍ଶ ପଞ୍ଚାୟତ ଗଠନ ଦିଗରେ ଅଗ୍ରଗତି ନେବାକୁ ସଙ୍କଳ୍ପ ପାଠ କରିଥିଲେ। ପରେ ଭିନ୍ନଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନୂତନ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନା

**ଭଟଲି,୨୨।୧(ସମିସ):** ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ ଜିଲ୍ଲା ଭଟଲି ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ବହୁ ପ୍ରତୀକ୍ଷିତ ନୂତନ ଭାବେ ରଥଦାଣ୍ଡ ପଡିଆରେ ନିର୍ମିତ ହୋଇଥିବା ମାଉଁସୀ ମାଁ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନା କରାଯାଇଛି। ଏକ ବିରାଟ ଭବ୍ୟ ଶୋଭାଯାତ୍ରାରେ ଭଟଲି ସମେତ ଆଖପାଖ ଅଞ୍ଚଳବାସୀ ଏବଂ ବିଧାୟକ ସୁଶାନ୍ତ ସିଂ ସାମିଲ ହୋଇଥିଲେ। ଶୋଭାଯାତ୍ରାଟି ଦିନ ୨ଟାରୁ ପ୍ରଥମେ ଭଟଲିର ଶ୍ରୀ ଦଧିବାମନ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଜ୍ଞାମାଳା ପାଇବାପରେ ଶ୍ରୀ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା କରିବା ସହ ଥାନା ଛକ, ବସଷ୍ଟାଣ୍ଡ ଛକ ଦେଇ ରଥଦାଣ୍ଡ ପଡିଆରେ ପହଞ୍ଚିଥିଲା। ମୁଖ୍ୟକର୍ତ୍ତା ଭାବେ ପରମାନନ୍ଦ ବଂଶଜ ତଥା ଗ୍ରାମର ଗୌନ୍ତିଆ ସରୋଜ ସାହୁ ଓ ତାଙ୍କ ସହଧର୍ମୀ ମିନାକ୍ଷୀ ସାହୁ ତୁଳାଇଥିଲେ। ମୁଖ୍ୟ ପଣ୍ଡିତ ଗୋକୁଳେଶ୍ୱର ରଥଙ୍କ ତତ୍ତ୍ୱାବଧାନରେ ଶୁଭସ୍ତମ୍ଭ ସ୍ଥାପିତ କରାଯାଇଥିଲା। ପଣ୍ଡିତ ଜୟଦେବ ପଣ୍ଡା, ନେହେରୁଲାଲ ଶତପଥୀ,



ଗୌରଚନ୍ଦ୍ର ରଥ, ରୋହିତ ରଥ, ବାଚସ୍ପତି ରଥ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ, ମନ୍ଦିର ପ୍ରତିଷ୍ଠା କମିଟିର ସଦସ୍ୟ ତଥା ଗ୍ରାମ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରସ୍ତାବିତ ମନ୍ଦିର ପ୍ରତିଷ୍ଠା ଆସନ୍ତା ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇ ୧୭ ତାରିଖ ପୂର୍ଣ୍ଣାହୁତି ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।



# ୱାଚ୍ ଟାୱାରରୁ ମହାନଦୀ ଓ ସମଲେଇ ମନ୍ଦିରର ବିହଙ୍ଗାବଲୋକନ





ବହୁ ପ୍ରତୀକ୍ଷିତ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସପ୍ନ ଥିବା ସମଲେଇ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଛି। ସମଲେଇ ମନ୍ଦିର ପରିସରରେ ଅନେକ ପରିବର୍ତ୍ତନ, ନୂଆଁ ସମ୍ଭାର ଦେଖିବାକୁ ମିଳିଛି। ଏହି ଐତିହ୍ୟ କରିଡର ନୂଆଁ ରୂପରେ ଦେଖିଲେ ମଧ୍ୟ ବହୁବର୍ଷ ପୁରାତନ ମୁକସାଖୀ ଭଳିଆ ଲାଗୁଛି। ମୁଖଶାଳା ଠାରୁ ଭୋଗଘର, ସୁବିଧାକେନ୍ଦ୍ର, ବିଶ୍ରାମଗାର, ଭୋଗଘର ସବୁ ଭିନ୍ନ ଓ ଅନନ୍ୟ ଭାବେ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପରେ ଏକ ଅଂଶ ବିଶେଷ ୱାଚ୍ ଟାୱାର ଶୋଭାପାଉଛି। ମନ୍ଦିର ପାର୍ଶ୍ୱ ମହାନଦୀ ତଟରେ ଏହି ୱାଚ୍ ଟାୱାର ନିର୍ମାଣ ହୋଇଛି। ଯାହାକି ଏକା ସାଥୀରେ ମହାନଦୀ ଜଳରାଶିର ପ୍ରାକୃତିକ ଦୃଶ୍ୟ ସହିତ ମନ୍ଦିର ପରିକ୍ରମା ପ୍ରକଳ୍ପର ସୁନ୍ଦର ଆକର୍ଷଣୀୟ ପରିବେଶର ବିହଙ୍ଗମ ଦୃଶ୍ୟ ଦେଖିବା ସୁଯୋଗ ଦେବ। ପ୍ରାୟ ୬୦ ଫୁଟ ଉଚ୍ଚତାର ବିଶିଷ୍ଟ ଏହି ଟାୱାର ରହିଛି। ଚାରିପଟେ କାନ୍ଥରେ ଘଡି ଲାଗିଛି। ସ୍ଥାନୀୟ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି। ବହାରୁ ଆସୁଥିବା ପର୍ଯ୍ୟଟକ ମାନେ ୱାଚ ଟାୱାର ମଜା ନେଇପାରିବେ।

















## ୯ ଦିନ ଧରି ଉତ୍ସବମୁଖର ସମଲେଇ ମନ୍ଦିର

ଆଜିଠାରୁ ସମଲେଇ ରୂପାନ୍ତର ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆରମ୍ଭ ହୋଇଛି। ସକାଳେ ଅଙ୍କୁରାରୋପଣ ସହ ପୂଜା ବିଧି କରାଯାଇଛି। ଆଜିଠାରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଉଠିବ ମନ୍ଦିର ପରିବେଶ। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ଆଚାର୍ଯ୍ୟ ବରଣ କରିବା ସହ ଗୁଆଟେକା ଓ ଅଙ୍କୁରାରୋପଣ କରିଛନ୍ତି। ୨୬ ତାରିଖ ଯଜ୍ଞ ଅଧିବାସ, ମଣ୍ଡଳସ୍ଥାପନ, ଧ୍ୱଜାସ୍ଥାପନ ଓ ତୋରଣ ସ୍ଥାପନ ହେବ। ଅଖଣ୍ଡଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ ଓ ମଣ୍ଡଳପୂଜନ ହେବ। ଏହାସହ ମନ୍ଦିରରେ ଚଣ୍ଡୀପାଠ କରାଯିବ। ଏହା ସହ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ଶାଳା ପ୍ରବେଶ, ପଞ୍ଚକର୍ମ, ମଣ୍ଡଳପୂଜା, ପୁଷ୍ପାଞ୍ଜଳି, ଆରତୀ, ହବନ ହେବ। ୨୭ ତାରିଖ ଅପରାହ୍ନ ୧୨ଟାରେ ୧ ଟା ଭିତରେ ଶୁଭ ମୁହୂର୍ତ୍ତରେ ପ୍ରକଳ୍ପ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଭବ୍ୟ ଓ ଦିବ୍ୟ ହେବ ଲୋକାର୍ପଣ ଉତ୍ସବ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଯେଭଳି ଦିବ୍ୟ ଓ ଭବ୍ୟ ଢଙ୍ଗରେ ଲୋକାର୍ପଣ କରାଯାଇଥିଲା। ଠିକ୍ ସେହିପରି ମାଁ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ କରିବାକୁ ପ୍ରସ୍ତୁତି କରାଯାଉଛି। ଶ୍ରୀଜଗନ୍ନାଥଙ୍କ ନାଁରେ ଯେଉଁଭଳି ସାରାରାଜ୍ୟରେ ଭାବପ୍ରବଣତାର ସୁଅ ଛୁଟୁଛି, ସେହିଭଳି ସମଲେଶ୍ୱରୀଙ୍କ ନାଁରେ ପଶ୍ଚିମ ଓଡ଼ିଶାରେ ଦେଖିବାକୁ ମିଳିଛି। ସମଲେଇ ପ୍ରକଳ୍ପର ଆୟୋଜନ ହେବ ଗାଁ ଗାଁରେ ସମଲେଶ୍ୱରୀଙ୍କ ମହିମା ପ୍ରଚାର କରାଯିବ। ପଶ୍ଚିମ ଓଡିଶାର ସବୁ ମନ୍ଦିରକୁ ନିମନ୍ତ୍ରଣ ଯିବ। ଅନେକ ସାଧୁ-ସନ୍ଥଙ୍କୁ ନିମନ୍ତ୍ରଣ କରାଯିବ ସ୍ୱତନ୍ତ୍ର ମହାନଦୀ ଆଳତୀ କରାଯିବ। ସମଲେଶ୍ୱରୀ ମନ୍ଦିର ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ହୋମ, ଆଳତୀ, ଆଧ୍ୟାତ୍ମିକ ଆୟୋଜନ କରାଯିବ।

## ଦିବ୍ୟାଙ୍ଗ, ବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସମଲେଇ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି। ମହାଯଜ୍ଞର ପୁର୍ଣ୍ଣାହୂତି ସହ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି। ଏହି ଶୁଭ ମୁହୂର୍ତ୍ତକୁ ଭକ୍ତମାନେ ଅନାଇ ରହିଛନ୍ତି। ଅପରାହ୍ନ ୧୨ଟା ୩୦ ଶୁଭ ଲଗ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ। ତେବେ ଲୋକାର୍ପଣ ସମାରୋହରେ ରାଜ୍ୟ ତଥା ରାଜ୍ୟ ବାହାର ୨ଶହରୁ ମନ୍ଦିର ଏବଂ ଧାର୍ମିକ ଅନୁଷ୍ଠାନର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଛି। ଦିବ୍ୟାଙ୍ଗ ଏବଂ ବୟସ୍କ ଭକ୍ତଙ୍କ ଲାଗି ବ୍ୟାଟେରୀ ଗାଡିର ବ୍ୟବସ୍ଥା କରାଯାଇଛି। ସାଧାରଣ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ଯେଭଳି କୌଣସି ଅସୁବିଧା ସୃଷ୍ଟି ନହୁଏ। ସେ ନେଇ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପରିକ୍ରମା ପର୍ବକୁ ବିଧିପୂର୍ବକ ସମ୍ପୂର୍ଣ୍ଣ ଯଜ୍ଞାନୁଷ୍ଠାନକୁ ଆଗେଇ ନେବା ପାଇଁ ପଣ୍ଡିତ ସମାଜକୁ ଦାୟିତ୍ୱ ଦିଆଯାଇଛି। ସବୁଙ୍କ ମନରେ ଉତ୍ସାହ ଦେଖିବାକୁ ମିଳୁଛି।

## '୫-ଟି' ଅଧ୍ୟକ୍ଷଙ୍କ ପରାମର୍ଶକ୍ରମେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ

ମା' ସମଲେଶ୍ୱରୀ ମନ୍ଦିର ଓ ପାର୍ଶ୍ୱରେ ଥିବା ହେରିଟେଜ୍ କରିଡର୍ ରୂପାନ୍ତରଣ କରାଯାଉଛି। କାମକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତ କରି ବାରମ୍ବାର ସମୀକ୍ଷା କରୁଥିଲେ। ସମୀକ୍ଷା ସମୟରେ ଏହି ଐତିହ୍ୟ କରିଡର୍‌ରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ ଦେବାକୁ ପରାମର୍ଶ ଦେଇଥିଲେ। ତେଣୁକରି ଐତିହ୍ୟ କରିଡର୍ ଓ ମନ୍ଦିର ଚତୁଃପାର୍ଶ୍ୱରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉଛି। କାରିଗାର, ଶ୍ରମିକ ପଥର ଉପରେ ପଥର ଦେଇ ବେଶ ଆକୃଷ୍ଟ ଭାବେ ତିଆରି କରୁଛନ୍ତି ପ୍ରକଳ୍ପ। ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ବୃକ୍ଷଲତାର ବ୍ୟବହାର ଓ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉଛି। ମନ୍ଦିର ଭିତର ପାର୍ଶ୍ୱରେ ନିର୍ମାଣ ହେଉଥିବା ବିଭିନ୍ନ କାମ, କ୍ଲକ୍ ଟାୱାର ଓ ଲାମ୍ପ୍ ରୁମ୍ କାମର ସୋନ୍ଦର୍ଯ୍ୟକରଣ କରାଯାଇଛି।

## ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟ, ତଦାରଖ କଲେ ଅଧିକାରୀ

ଆସନ୍ତା ୨୭ ତାରିଖରେ ମାଁ ସମଲେଶ୍ୱରୀଙ୍କ ଉନ୍ନୟନ ସମ୍ପର୍କିତ ସମଲେଇ ପ୍ରକଳ୍ପର ଲୋକାର୍ପଣ ଚୂଡାନ୍ତ ହୋଇଛି। ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ଜିଲ୍ଲା ସମେତ ଛତିଶଗଡ଼ର ବିଭିନ୍ନ ମନ୍ଦିରରେ ନିମନ୍ତ୍ରଣ ପ୍ରଦାନ ଶେଷ ହୋଇଛଇ। ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମଣ୍ଡପ ନିର୍ମାଣ, ପାସ ପ୍ରଦାନ, ପୁଲିସ କଣ୍ଟ୍ରୋଲ ରୁମ୍, ସିସିଟିଭି ସେଟଅପ୍, ଆମ୍ବୁଲାନ୍ସ ଓ ଡାକ୍ତରଙ୍କୁ ନେଇ ମେଡିକାଲ ରୁମ୍, ହେଲ୍ପ ଡେସ୍କ, ଗଣମାଧ୍ୟମ ପରିଚାଳନା, ସଫେଇ ଓ ପରିମଳ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ଆଜି ବୈଠକରେ ରାଜସ୍ୱ ବିଭାଗୀୟ କମିଶନର (ଉତ୍ତରାଞ୍ଚଳ) ସୁରେଶ ଚନ୍ଦ୍ର ଦଳାଇ ଓ ଅନ୍ୟ ଅଧିକାରି ମାନେ ପ୍ରକଳ୍ପ କାମ ବୁଲି ଦେଖିଛନ୍ତି।

**ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

# ଅଙ୍କୁରାରୋପଣ ସମ୍ପନ୍ନ

**ସମ୍ବଲପୁର, ୨୨।୧(ସମିସ):** ସମ୍ବଲପୁରରେ ବିରାଜିତ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ରୂପାନ୍ତରିତ ମନ୍ଦିର ଓ ପରିକ୍ରମା ପ୍ରକଳ୍ପ ଆସନ୍ତା ଜାନୁଆରୀ ୨୭ ତାରିଖରେ ସମ୍ପନ୍ନ ହେବ। ଏହାକୁ ନେଇ ଆଜି ମନ୍ଦିର ପରିସରରେ ଅଙ୍କୁରାରୋପଣ ହୋଇଛି। ମନ୍ଦିର କୁଳପୁରୋହିତ ପଣ୍ଡିତ ମହେନ୍ଦ୍ର ପୁଜାରୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କର୍ତ୍ତା କାର୍ଯ୍ୟ ସମ୍ପାଦନା କରିଥିଲେ। ହୋମଯଜ୍ଞ ସହ ପୂଜା ହୋଇଥିଲା। ବିଜ ପୋତା ଯାଇଥିଲା। ଆସନ୍ତା ୨୬ ତାରିଖ କଳସ ଯାତ୍ରା ସହ ଅଧିବାସ ହେବ ବୋଲି ଟ୍ରଷ୍ଟ ସଭାପତି ଶ୍ରୀ ବାବୁ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ମା'ଙ୍କ ମନ୍ଦିରର ରୂପାନ୍ତରଣ ନେଇ ସମଗ୍ର ପଶ୍ଚିମ ଓଡିଶାବାସୀ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ସମଲେଶ୍ୱରୀଙ୍କ ସହ ସମଗ୍ର ପଶ୍ଚିମ ଓଡ଼ିଶାର ଆଧ୍ୟାତ୍ମିକ ଭାବାବେଗ ଯୋଡ଼ି ହୋଇରହିଛି। ମନ୍ଦିର ରୂପାନ୍ତରଣର ଉଦ୍‌ଘାଟନ ପରିପ୍ରେକ୍ଷୀରେ ଏକ ଯଜ୍ଞର ଆୟୋଜନ କରାଯାଉଛି। ୪ ଗୋଟି ଯଜ୍ଞ ମଣ୍ଡପ କରାଯାଇଛି। ମଣ୍ଡପ କାମ ଶେଷ ପର୍ଯ୍ୟାୟରେ ରହିଛି। ଆସନ୍ତାକାଲି ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ୨୬ ତାରିଖରେ ହଜାର ସଂଖ୍ୟାରେ ମହିଳାମାନଙ୍କୁ ନେଇ କଳସ ଯାତ୍ରା ଏବଂ ଅଧିବାସ ହେବ। ମହାନଦୀରୁ ପୂର୍ଣ୍ଣ କଳସ ନେଇ ବିଶାଳ ଶୋଭାଯାତ୍ରାରେ ଯଜ୍ଞମଣ୍ଡପକୁ ଆସି କଳସ ସ୍ଥାପନା କରିବେ। ୨୭ ତାରିଖ ଉଦଘାଟନ ଉତ୍ସବରେ ସାଢ଼େ ୮ଟାରୁ ଯଜ୍ଞ ଆରମ୍ଭ ହେବ। ଅପରାହ୍ନ ୧୨ ଟା ୩୦ ମିନିଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ଯଜ୍ଞରେ ଯୋଗଦେବେ। ପଶ୍ଚିମ ଓଡ଼ିଶା ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ପ୍ରବଳ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହେବା ସମ୍ଭାବନା ରହିଛି। ରୂପାନ୍ତରିତ ଭବ୍ୟ ମନ୍ଦିରରେ ମାଆଙ୍କ ଦର୍ଶନ ଲାଗି ସମସ୍ତେ ବ୍ୟାକୁଳ ଅଛନ୍ତି। ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଜାନୁଆରୀ ୩୧ ତାରିଖ ପୁର୍ଣ୍ଣାହୂତି ସହ ଯଜ୍ଞ କାର୍ଯ୍ୟ ଶେଷ ହେବ। ଏହାପରେ ବିଭିନ୍ନ ସ୍ଥାନରୁ ଭକ୍ତମାନେ ମା'ଙ୍କ ଦର୍ଶନ କରିବାକୁ ଆସି ପାରିବେ। ଭକ୍ତମାନେ ସିନ୍ଦୂର ଓ ଚୁନରୀ ଅର୍ପଣ କରିବେ। କେଉଁ ଅଞ୍ଚଳର ଶ୍ରଦ୍ଧାଳୁ କେଉଁ ଦିନ ମା' ସମଲେଶ୍ୱରୀଙ୍କ ପୀଠକୁ ଆସିବେ, ତାହାର ସୂଚୀ ପରିଚାଳନା କମିଟି ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିବେ। ସେହି ସୂଚୀ ଓ ବିଜ୍ଞପ୍ତି ଅନୁସାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ସମ୍ବଲପୁର ଆସିଲେ ଅତ୍ୟନ୍ତ ସୁଗମ ଓ ଶୃଙ୍ଖଳିତ ଦର୍ଶନ ହୋଇପାରିବ। ବିଭିନ୍ନ ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଉଛି। ୨୭ ତାରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପକୁ ଲୋକାର୍ପଣ କରିବା ସହ ଯଜ୍ଞରେ ସାମିଲ ହେବେ। ପରିଚାଳନା କମିଟିର ଏହି ନିବେଦନକୁ ସହୃଦୟତାର ସହ ଗ୍ରହଣ କରି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ଅନୁରୋଧ କରାଯାଇଛି।



# ରେଲଲାଇନ୍ ନିର୍ମାଣରେ ବେଆଇନ ମାଟି ଖୋଳା ଚାଲିଛି

**ଝାରସୁଗୁଡ଼ା, ୨୨।୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ବାରମ୍ବାର ତାଗିଦ ପରେ ମଧ୍ୟ ଝାରସୁଗୁଡ଼ାରୁ ବିଲାସପୁର ମଧ୍ୟରେ ନୂତନ ରେଳ ଲାଇନ ନିର୍ମାଣ ଚାଲିଛି। ଏହାସହ ଇବ୍ ଷ୍ଟେସନରୁ ବୃନ୍ଦାମାଲ ପର୍ଯ୍ୟନ୍ତ ଫ୍ଲାଇଓଭର ନିର୍ମାଣ ପାଇଁ ବେଆଇନ ଭାବେ ମାଟି ଖନନ କରାଯାଇ ଡମ୍ପି ଚାଲିଛି। ପୂର୍ବରୁ ଜମେରା ପଞ୍ଚାୟତ ଅନ୍ତର୍ଗ ଅନ୍ତର୍ଗତ ଜମୁଆ ଡୁଙ୍ଗୁରି ଅଞ୍ଚଳରେ ବେଆଇନ ମାଟି ଖନନକୁ କେନ୍ଦ୍ର କରି ସ୍ଥାନୀୟ ଲୋକେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବା ପରେ ରେଳବାଇ କାର୍ଯ୍ୟ ପାଇଁ ଝାରସୁଗୁଡ଼ା ଅଞ୍ଚଳରେ ଚାଲିଥିବା ବେଆଇନ ମାଟି ଖନନ କାର୍ଯ୍ୟକୁ ବନ୍ଦ କରିବା ଲାଗି ଗତ ଡିସେମ୍ବର ୪ ତାରିଖ ଦିନ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏନଜିଟି ପକ୍ଷରୁ କଡ଼ାକଡ଼ି ନିର୍ଦ୍ଦେଶ ଦିଆ ଯାଇଥିଲା। ଏଥିସହ ଜିଲ୍ଲାରେ ବେଆଇନ ମାଟି ମୋରମ ଆଦି ଖନନ ନ ହେବାକୁ ନିଶ୍ଚିତ କରିବାକୁ ଏନ୍‌ଜିଟି ରାୟରେ ସ୍ପଷ୍ଟ ସ୍ପଷ୍ଟ ଉଲ୍ଲେଖ କରିଥିଲା। ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା ଜିଲ୍ଲା ପ୍ରଶାସନକୁ ଭୁଆଁ ବୁଲାଇ ମାଟି ଓ ମୋରମ ଖନନ କରି କାର୍ଯ୍ୟ ଚାଲିଥିବା ଦେଖାଯାଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା



ପ୍ରକାଶ ପାଇଛି। ଝାରସୁଗୁଡ଼ା ଜମେରା ଏବଂ ବଡ଼ମାଲ ଆଦି ଅଞ୍ଚଳରେ ବେଆଇନ ଭାବେ ମାଟି ଓ ମୋରମ ଖନନ କରାଯାଇ ନିର୍ମାଣାଧିନ ସ୍ୱାଧୀନ ରେଳ ଲାଇନରେ ଡମ୍ପିଂ ଚାଲୁଥିବାରୁ ଏହା ବିରୋଧରେ ଏନଜିଟିରେ ଏକ ମାମଲା ଶତ୍ରୁଘ୍ନ ମେହେରଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏହି ମାମଲାରେ ବେଆଇନ ମାଟି ଖନନ କରି ବେଖାତିର କରି ବ୍ୟାପକ କରି ରେଳବାଇର ଠିକା କାମ ଭୁକ୍ତ କରାଯାଇଥିଲା। ମାତ୍ର ଆରଏସଏ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ସଂସ୍ଥାକୁ ତ୍ରୁଟିପୂର୍ଣ୍ଣ କରୁଥିବା ସଂସ୍ଥା ଆରଏସଏ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡକୁ ପକ୍ଷଭୁକ୍ତ ପକ୍ଷରୁ ଗତ ୪ ତାରିଖ ଦିନ ଓକିଲଙ୍କ ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରକୃତପକ୍ଷେ ଆରଏସ୍ଏ ଏସକେଜେରି ଲିମିଟେଡ୍‌କୁ ନୋଟିସ କରିଥିଲେ। ଆରଏସ୍ଏ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ଠାରୁ ଅଲଗା ସଂସ୍ଥା ବୋଲି ଦର୍ଶା ଯାଇଥିଲା। ପରବର୍ତ୍ତୀ ତାରିଖ ପୂର୍ବରୁ ସମ୍ପୃକ୍ତ ପକ୍ଷ ସତ୍ୟପାଠ ଦାଖଲ ପକ୍ଷରେ ତିନି ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ଓକିଲ ରିଜଏଣ୍ଡର ସତ୍ୟପାଠ ଦାଖଲ କରିବାକୁ ସମୟ ନେଇଥିଲେ। ଅନ୍ୟପକ୍ଷରେ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ତିନି ସପ୍ତାହରେ କାଉଣ୍ଟର ସତ୍ୟପାଠ ଦାଖଲ କରାଯିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଜୁମୁଆ ଡୁଙ୍ଗୁରି ଓ ଜମେରା ଅଞ୍ଚଳରେ ରେଳ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ରାଜସ୍ୱ ବିଭାଗ, ହୀରାକୁଦ ବନ୍ଧ ଜମି, ଜଙ୍ଗଲ ଜମି ଆଦିରେ ମାଟି ମୋରମ ଖନନ ଲାଗି ମାଇନିଂ ପ୍ଲାନକୁ ମଞ୍ଜୁରୀ ମିଳି ନାହିଁ। ଏହି ପରିପ୍ରେକ୍ଷୀରେ ବେଆଇନ ଭାବେ ଏଠାରେ ଠିକା ସଂସ୍ଥା ଦ୍ୱାରା ମାଟି ମୋରମ ଖନନ କରାଯାଇ ବିସ୍ତୃତ ଅଞ୍ଚଳର ଧ୍ୱଂସ କରାଯାଉଛି। ଏନେଇ ଏନଜିଟିରେ ମାମଲା ଗଡୁଥିବା ସହ ଏନଜିଟି ସ୍ପଷ୍ଟ ଭାବେ ବେଆଇନ ଖନନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏଭଳି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ମିଳିବା ଘଟଣାରେ ଜିଲ୍ଲା ପ୍ରଶାସନ ଏକ ପ୍ରକାର ଚୁପ ହୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ବନ୍ଧବାହାଲ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା

# ପୁତନା ନିଧନ ଓ ବକାଶୁର ପ୍ରେରଣ



**ଝାରସୁଗୁଡ଼ା/ବନ୍ଧବାହାଲ, ୨୨।୧( ସମିସ):** ଗୁପ୍ତଚର ନିକଟରୁ ପୁତନା ବଧ ଖବର ପାଇ କଂସ ମର୍ମାହତ ହୋଇ ଗୋପପୁରକୁ ବକାଶୁରକୁ ପ୍ରେରଣ କରିଥିଲେ। ଗୋପପୁରରେ କୃଷ୍ଣ ଜନ୍ମ ସହ ନନ୍ଦ ଉତ୍ସବ ଆଡମ୍ବର ସହକାରେ ପାଳନ କରାଯାଇଛି। କୃଷ୍ଣଙ୍କ କ୍ଷୀର ପାନ, କୃଷ୍ଣ ବଳରାମଙ୍କ ଗୋପୀଙ୍କ ମେଳରେ ଦୋଳି ଝୁଲଣ ଓ ରାକ୍ଷସୀ ପୁତନାର କ୍ଷୀରପାନ କରି ବାଳକୃଷ୍ଣଙ୍କ ଦ୍ୱାରା ବଧ ହେବା ଦୃଶ୍ୟ ଅଭିନୀତ ହୋଇଥିଲା। ପ୍ରତିଦିନ ହରିବଂଶ ଗାନ କରାଯାଉଥିବା ବେଳେ ପାରମ୍ପରିକ କଳା ସଂସ୍କାର ପରିବେଷଣ କରାହେଉଛି। ଗୋପପୁରରେ ଦିନ ସାରା ଚାଲୁଥିବା କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଲୋକ ସାମିଲ ହେଉଛନ୍ତି। କଂସ ଦରବାରରେ ରାଜଅତିଥି ଭାବେ ବରଗଡ଼ ଲୋକସଭା ସଦସ୍ୟ ସୁରେଶ ପୂଜାରୀ, ଏମସିଏଲ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ ଝା, ଲଖନପୁର ସରପଞ୍ଚ ଆରତୀ ପଧାନ ଯୋଗ ଦେଇଥିଲେ। ରଘୁ ନନ୍ଦନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଉମାକାନ୍ତ ପଣ୍ଡା ପରିଚାଳନା କରଥିଲେ।

**ଗୋପରେ ନନ୍ଦ ଉତ୍ସବ**

# ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ଦେବଗଡ଼, ୨୨।୧(ସମିସ):** ସ୍ଥାନୀୟ ସଂସ୍କୃତି ଭବନରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କବି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ କଲେକ୍ଟର ମମତା ମହାରଣା, ଅବସରପ୍ରାପ୍ତ ତହସିଲଦାର ମୁରଲୀଧର ନାୟକ, ବରିଷ୍ଠ ସାହିତ୍ୟିକ ପ୍ରଫୁଲ୍ଲ ମହାପାତ୍ର, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଆଦର୍ଶ ସ୍ନାତକ ମହା ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ମହାରଣା, ଡକ୍ଟର ଭାରତ ଭୂଷଣ ନନ୍ଦ ଓ ନିରଞ୍ଜନ ଦ୍ୱିବେଦୀ ଯୋଗ ଦେଇଥିଲେ। ଛାତ୍ରୀ ଅରୁନ୍ଧତୀ ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଢୋଲପଡ଼ା ଗ୍ରାମର ଶିକ୍ଷକ ସୁନୀଲ ସାହୁଙ୍କ ରଚିତ କବିତା ସଂକଳନ 'ଭକ୍ତିର ଅର୍ଘ୍ୟ' ଉନ୍ମୋଚିତ ହୋଇଥିଲା। ଏହି କବି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ କବି ଓ କବୟିତ୍ରୀ ଯୋଗଦେଇ କବିତା ପଠ କରିଥିଲେ। କବୟିତ୍ରୀ ସୁମିତ୍ରା ପୁରୋହି ଓ ପଦ୍ମିନୀ ଦାଶ ମହାପାତ୍ର ସଂଯୋଜନା କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ପରିଚାଳନାରେ ଆୟୋଜିତ ଏହି କବି ସମ୍ମିଳନୀ ଶେଷରେ ଶିକ୍ଷାବିତ ଡକ୍ଟର ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଜନା ନାୟକଙ୍କ ସମେତ ବହୁ ସରକାରୀ କର୍ମଚାରୀ ସହଯୋଗ କରିଥିଲେ।




# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜାବ୍‌ର ଦାବିପତ୍ର

**ବରଗଡ଼, ୨୨।୧(ସମିସ):** ଓଡ଼ିଶାରେ ସାମ୍ବାଦିକମାନଙ୍କୁ ଅବସର ପରେ ପେନସନ ଯୋଗାଇଦେବା ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଲାଗି ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ (ଜାବ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛି। ଜିଲ୍ଲା ସଭାପତି ରବି ପଣ୍ଡାଙ୍କ ନେତୃତ୍ୱରେ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଛନ୍ତି ଯେ ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଜରୁରୀ ହୋଇପଡିଛି। କୋଭିଡ୍ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଭଳି ସାମ୍ବାଦିକ ମାନଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଭାବେ ଘୋଷଣା କରିଥିଲେ ଓ କରୋନାରେ ପ୍ରାଣ ହରାଇଥିବା ସାମ୍ବାଦିକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ତାହା ବେଶ୍ ପ୍ରଶଂସନୀୟ। ଓୟୁଜେର ଦାବିକ୍ରମେ ସ୍ୱାସ୍ଥ୍ୟ ବୀମା ରାଶିକୁ ଦୁଇ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାକୁ ନେଇ ମଧ୍ୟ ୟୁନିଅନ୍ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି। ଏହି ପରିପ୍ରେକ୍ଷୀରେ ଅବସର ପରେ ସାମ୍ବାଦିକଙ୍କୁ ସାମାଜିକ ନିରାପତ୍ତା ବ୍ୟବସ୍ଥା ମଧ୍ୟକୁ ଆଣି ତୁରନ୍ତ ମାସିକ ଅନ୍ୟୂନ ୨୦ ହଜାର ଟଙ୍କାର ପେନସନ ଯୋଗାଇ ଦେବାକୁ ଜାବ ଦାବି କରିଛି। ଜାବର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ଅଫିସ ସମ୍ପାଦକ ବଦ୍ରି ପ୍ରସାଦ ସାହୁ, ଲଲାଟେନ୍ଦୁ ଦାଶ ,ବ୍ୟୋମକେଶ କର, ରମଣୀ ରଂଜନ ବେହେରା, ଅନନ୍ତ ମଟାରୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ପାଇକମାଳ ନୃସିଂହନାଥସ୍ଥିତ ବନ ବିଭାଗ ତରଫରୁ ଛାତ୍ରଛାତ୍ରୀଙ୍କୁ ନେଇ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ, ଗନ୍ଧମାର୍ଦ୍ଦନ ବନୌଷଧୀ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି।

# ମା' ବ୍ରାହ୍ମଣୀ ପଠାରି ଫୁଟ୍‌ବଲ: ଧୁମାଭଟ୍ଟା ଚାମ୍ପିଅନ

**ପାଇକମାଳ, ୨୨।୧ (ସମିସ):** ପାଇକମାଳ ବ୍ଲକ୍ ପଲସଦାରେ ୨୪ତମ ମା' ବ୍ରାହ୍ମଣୀ ପଠାରି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ କୋଦଗୁଡାକୁ ୪-୩ରେ ହରାଇ ଧୁମାଭଟ୍ଟା ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ମହେନ୍ଦ୍ର ସିଂହ ବରିହା ଆଠଟି ଦଳ ମଧ୍ୟରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅଥିତି ମହେନ୍ଦ୍ର ସାହୁ, ପୀତାମ୍ବର ସାହୁ ଓ ଜୟସିଂହ ବାରିହା ଯୋଗ ଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ଧୂମାଭଟା ଦଳର ନରେଶ ପଟେଲଙ୍କୁ ନଗଦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ମ୍ୟାଚରେ ମେନ୍ ଅଫ ଦି ମ୍ୟାଚକୁ ସୁବାସ ଚନ୍ଦ୍ର ପଟେଲ ପ୍ରଦାନ କରିଥିଲେ। ମ୍ୟାଚ କୁ ଫାଓ ମାନ୍ୟତାପ୍ରାପ୍ତ ଖେଳ ଶିକ୍ଷକ ମଣ୍ଟୁ ବାଗ, ସୋନ୍ତୋସ ପଟେଲ, ନରେଶ ବାରିକ, ସୁବାସଚନ୍ଦ୍ର ପଟେଲ, ଶଙ୍କର ପ୍ରଧାନ ପରିଚାଳନା କରିଥିଲେ। ଧାରା ବିବରଣୀ ପଙ୍କଜ ବାରିକ, କିଶୋର ପଟେଲ ଓ ଭୀଷ୍ମ ବାରିକ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା ମିନିକେତନ୍ ବରିହା କରିଥିଲେ। ସମାରୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



# ଆବାସିକ ସାଇନିଙ୍ଗ ଷ୍ଟାର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରଗଡ଼, ୨୨।୧ (ସମିସ):** ପାଠପଢାରେ ନିରନ୍ତର ଅଭ୍ୟାସ ସହ ନିଷ୍ଠା ଓ ଏକାଗ୍ରତା ଜାରି ରହିଲେ ନିଶ୍ଚିତ ସଫଳତା ମିଳେ ବୋଲି ବରଗଡ଼ ସିମେଣ୍ଟ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ତ୍ରିଦିବସୀୟ ଆବାସିକ ସାଇନିଂ ଷ୍ଟାର ପ୍ରଶିକ୍ଷଣ ଶିବିରର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ ମତବ୍ୟକ୍ତ କରିଛନ୍ତି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରେ ମେଧାବୀ ଛାତ୍ରଛାତ୍ରୀ ଆବାସିକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଜ୍ୟୋତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଜ୍ଞ ସାଧନକର୍ମୀବୃନ୍ଦ ତିନି ଦିନ ପର୍ଯ୍ୟନ୍ତ ପାଠ୍ୟଦାନ କରି ବିଭିନ୍ନ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ସାଧନ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାଇନିଂ ଷ୍ଟାର ଛାତ୍ରଛାତ୍ରୀଙ୍କ ସଫଳତା କାମନା କରାଯାଇଥିଲା। ପ୍ରଧାନ ଶିକ୍ଷକ ଦେବ ଜୀବନ କର ଧନ୍ୟବାଦ ଅର୍ପଣ କରିଥିଲେ।




# ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠାରେ ଭବ୍ୟ କାର୍ଯ୍ୟକ୍ରମ; ରକ୍ତଦାନ ଶିବିର





**ବରଗଡ଼/ଦହିତା/ଥୁଆପାଲି/ପଦ୍ମପୁର, ୨୨।୧(ସମିସ)**

ବରଗଡ଼ ଭଟଲି ଛକରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ଏକ ରକ୍ତଦାନ ଶିବିର ସଂକଳ୍ପ ପରିବାର ଦ୍ୱାରା ସ୍ଥାନୀୟ ନିଶାନ୍ତ ଦେବତା ପୋଲିକ୍ଲିନିକ୍, ଭଟଲି ଛକରେ ଆୟୋଜନ କରାଯାଇ ୧୦୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ହିନ୍ଦୁ, ମୁସଲିମ, ଶିଖ, ଇସାଇ ଏକାଠି ହୋଇ ରାମ ଉତ୍ସବ ପାଳନ କରିଥିଲେ। ଏମ. ଡି ଦିଲଦାର ଓ ତାଙ୍କର ପରିବାର ସଦସ୍ୟ ଆସି ରକ୍ତଦାନ କରିଥିଲେ। ବରଗଡ଼ ବଜରଙ୍ଗ ଦଳ ତରଫରୁ ସମସ୍ତ ଶ୍ରୀରାମ ଭକ୍ତଙ୍କୁ ନେଇ ଏକ ଭବ୍ୟ ବାଇକ ରାଲି କରାଯିବା ସହ ସନ୍ଧ୍ୟା ସମୟରେ ମହାଆଳତି ଏବଂ ହନୁମାନ ଚାଳିଶା ପାଠ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଡାକ୍ତର ନିଶାନ୍ତ ଦେବତା, ଆଇନଜୀବୀ କୁଶ ପଧାନ ଯୋଗଦାନ କରିଥିଲେ।

ଅଯୋଧ୍ୟାସ୍ଥିତ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉପଲକ୍ଷେ ପଦ୍ମପୁର ବ୍ଲକ ଖଲିଆପାଲି ପଞ୍ଚାୟତ ଅନ୍ତର୍ଗତ ବାଦିମାଲରେ ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଓ ନଗରପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଙ୍ଖ ବାଦକ ଓଁ ବାବା, ଦୃଷ୍ଟିହୀନ ଘଣ୍ଟବାଦକ ଡୋଳାମଣି ବାଗ, ଖୁସି ବାଗ ଓ ଇତି ବାଗଶ୍ରୀରାମଙ୍କ ଧ୍ୱଜ ଦଣ୍ଡ ଧାରଣ କରିଥିଲେ। ପୁଷ୍ପାଳି ବାଗ, ନିୟତି ବାଗ, ବିଘ୍ନେଶ୍ୱର ବାଗ, ଆକାଶ ବାଗ, ରାକ୍ଷୀବାଗ, ରାନୀ ବାଗ, ଦିବ୍ୟ ବାଗ, ଅଲି ସାହୁ ସହଯୋଗ କରିଥିଲେ।

ସଂକ୍ରିଡା ପଞ୍ଚାୟତର ଝରାପାଲି ମାର୍କେଟରେ ଥିବା ଶ୍ରୀହନୁମାନ ମନ୍ଦିର ପରିସରରେ ସକାଳ ୮ଟା ସମୟରେ ଅଖଣ୍ଡ ଜ୍ୟୋତି ଓ ପୂଜା ଆରମ୍ଭ ହୋଇଥିଲା। ଏଥିରେ ପୁରୋହିତ ଭାବରେ ପଣ୍ଡିତ ମନୋଜ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ। ପରେ ଝରାପାଲି ମାର୍କେଟ, ଥୁଆପାଲି ନଗର ପରିକ୍ରମା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ମହାଆଳତି ହୋଇ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରତିଛବି ନିକଟରେ ପୂଜାର୍ଚ୍ଚନା ହୋଇଥିଲା। ସଂଧ୍ୟା ସମୟରେ ମହିଳା ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରେ ୧୧୧୧ ଦୀପ ପ୍ରଜ୍ୱଳନ କରାଯାଇଥିଲା।

ପଦ୍ମପୁର ଉପଖଣ୍ଡ ସରେଇକେଲାରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଅବସରରେ ଚତୁଃପ୍ରହର ନାମ ଯଜ୍ଞ ସମ୍ପନ୍ନ ହୋଇଯାଇଛି। ବିକାଶ ସାହୁ ଓ ଧର୍ମପତ୍ନୀ ବିନ୍ଦୁ ସାହୁ ଯଜ୍ଞ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ଧୂମାଭଟା, କୁଲାଣ୍ଟି, ସରେଇକେଲା ଗୌନ୍ତିଆ ପଡା, ହନୁମାନ ପଡା ସମେତ ସଂକ୍ରାନ୍ତି ପୂଜା ମାଁ ମାନଙ୍କ ସଂକୀର୍ତନ୍ୟ ଦଳ ଯୋଗ ଦେଇଥିଲେ। ସନ୍ଧ୍ୟାରେ କବି ମୁନିରାମ କୁମ୍ଭାର, ଅଧିକାରୀ ସା, ନକୁଳ ମେହେର, ରାମପ୍ରସାଦବାଗ, ରବିଚନ୍ଦ୍ର ସାହୁ କବି ସମ୍ମିଳନୀରେ ଶ୍ରୀରାମ ଗାଥା ଆଲୋଚନା କରିଥିଲେ। କୁଳମଣି ବାରିକ, ପ୍ରତାପ ସାହୁ, ଭୀଷ୍ମଦେବ ବେହେରା, ସନ୍ନ୍ୟାସୀ ମାଝୀ, ନିରାକାର ପ୍ରଧାନ, ପୂର୍ଣ୍ଣ ନେଗୀ, ସୁନୀଲ ପ୍ରଧାନ, ସୁପତ ବେହେରା, ନରୋତ୍ତମ ପ୍ରଧାନ, ଅଶୋକ ପ୍ରଧାନ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

ନବପ୍ରଭାତ ବିଦ୍ୟାୟତନ ନୂଆଁପାଲିରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାୟତନର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆଚାର୍ଯ୍ୟ ଡ଼ ଶିବଶଙ୍କର ଶାସ୍ତ୍ରୀ, ସମ୍ମାନିତ ଅତିଥି ଭାବରେ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ତେଜରାଜ ସାହୁ, ପ୍ରେମାନନ୍ଦ ବାରିକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରାମ ବନବାସ ଏକାଙ୍କିକା ପ୍ରସ୍ତୁତ କରାଯାଇଥିଲା। ରବିଶଙ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୁତିଶିଖା ପ୍ରଧାନ, ଶିକ୍ଷକ ଦୀପକ ପଧାନ ସହଯୋଗ କରିଥିଲେ।

# ଏକାଦଶ ଗୋଲ୍ଡେନ ଷ୍ଟାର୍ କ୍ରିକେଟ୍ କପ୍ ଉଦ୍‌ଯାପିତ: ଚାମ୍ପିଅନ ଭୁବନେଶ୍ୱର

**ଦହିତା, ୨୨।୧ (ସମିସ):** ପଦ୍ମପୁର ବ୍ଲକ ଖଇରପାଲିରେ ରାଜ୍ୟସ୍ତରୀୟ ଏକାଦଶ ଗୋଲଡେନ ଷ୍ଟାର କ୍ରିକେଟ କପ୍ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିନରେ ତିନିଟି ମ୍ୟାଚ୍ ଖେଳା ଯାଇଥିଲା। ପ୍ରଥମ ମ୍ୟାଚ୍ ଅନୁଗୁଳ ଦଳ ସମ୍ବଲପୁର ଦଳକୁ ହରାଇଥିଲା। ଦ୍ୱିତୀୟ ଭୁବନେଶ୍ୱର ଦଳ ବରଗଡ ଦଳକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଦଳ ଅନୁଗୁଳ ଦଳକୁ ହରାଇ ଚାମ୍ପିଅନ ହୋଇଥିଲା। ମ୍ୟାଚ୍ ଶେଷରେ ଯୁବନେତ୍ରୀ କାଦମ୍ବିନୀ ସିଂ ବରିହା, କାନୁଟ ସରପଞ୍ଚ ଅଶୋକ ମହାପାତ୍ର, ବୁଡ଼ାମାଲ ଗ୍ରାମପଞ୍ଚାୟତର ସମିତିସଭ୍ୟା ସାବିତ୍ରୀ ଚାନ୍ଦ, ଜଗନ୍ନାଥ କମିଟିର ସଭାପତି, ଉପସଭାପତି ଓ ସଦସ୍ୟମାନେ ଯୋଗ ଦେଇଥିଲେ। କମାଣ୍ଡୋ ଦଳର କୋଣାର୍କ ସୋନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ବିଶ୍ୱରଂଜନ ସାହୁଙ୍କୁ ମ୍ୟାନ ଅଫ ଦ ସିରିଜ ଭାବେ ପୁରସ୍କାର ପ୍ରଦାନ କରିଥିଲେ। ମିଟୁ, ସୁନୀଲ, ଆନନ୍ଦ ବୁଦ୍ଧଦେବ ପ୍ରମୁଖ ଧାରା ବିବରଣୀ କରିଥିବା ବେଳେ ରାଜୀବ, ସନମ, ଦିଲ୍ଲିପ, ହନୁ ମ୍ୟାଚ ପରିଚାଳନା କରିଥିଲେ। ସାନୁ, ଚନ୍ଦନ, ଗୋକୁଳ, ଉମେଶ, ମୋହନ, ଦୟା, ଅର୍ଜୁନ, ସନ୍ତୋଷ, ପିଣ୍ଟୁ, ପପୁ, ସୁଶୀଲ ବିକାଶ, ସୁଜିତ, ପ୍ରଦୀପ, ଜଗନ୍ନାଥ ଦେବ ସହଯୋଗ କରିଥିଲେ।



ସକାଳ
THE SAKALA



**ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ**

# ଭଜନକୀର୍ତ୍ତନ ସହିତ ଲୋକେ ପାଳିଲେ ଦୀପାବଳି





**ଝାରସୁଗୁଡ଼ା, ୨୨।୧(ସମିସ)**

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିବାବେଳେ ଆଜି ସମଗ୍ର ଝାରସୁଗୁଡ଼ା ଜିଲ୍ଲା ରାମମୟ ହୋଇଛି। ସମସ୍ତ ମନ୍ଦିର ମାନଙ୍କରେ ଏହି ଅବସରରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ସହରର ସରବାହାଲ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ରାମ ମନ୍ଦିର, ପର୍ଶୁରାମ ମନ୍ଦିର, ହନୁମାନ ମନ୍ଦିର, ଗୌଡପଡ଼ା ହନୁମାନ ମନ୍ଦିର, ସରବାହାଲ ତ୍ରିନାଥ ମନ୍ଦିର, ହନୁମାନ ମନ୍ଦିର, ଶନି ମନ୍ଦିର, ଝାଡେଶ୍ୱର ଶିବ ମନ୍ଦିର, ପାହାଡି ମନ୍ଦିର, ବିଟିଏମ ଶିବ ମନ୍ଦିର, ଝଣ୍ଡାଛକ ସାଇ ମନ୍ଦିର, ପୁରୁଣାବସ୍ତି ଜଗନ୍ନାଥ ମନ୍ଦିର, ଧର୍ମଶାଳା ଜଗନ୍ନାଥ ମନ୍ଦିର, ବଡ଼ମାଳ ହନୁମାନ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ ହୋଇଛି। ସରବାହାଲ ଜଗନ୍ନାଥ ମନ୍ଦିରରୁ ଏହି ଅବସରରେ ୧୦୧ମହିଳା କଳସ ଶୋଭାଯାତ୍ରା କରିଥିଲେ। ପୂଜକ ଅଜୟ ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ରାଜେଶ ପାଢ଼ୀ ଓ ଧର୍ମପତ୍ନୀ ସୁରଭି ପାଢ଼ୀ ସମେତ ୨୧ଜଣ କର୍ତ୍ତା ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଗୌଡପଡ଼ାର କୀର୍ତ୍ତନମଣ୍ଡଳୀ ଭାଗ ନେଇଥିଲେ। ଏହି ରାମଲାଲା ପ୍ରାଣ ପ୍ରତିଷ୍ଠା ଅବସରରେ ହନୁମାନ ମନ୍ଦିରର ପୂଜକ ଶଶୀଭୂଷଣ ପଣ୍ଡା, ତ୍ରିନାଥ ମନ୍ଦିରର ପୂଜକ ଶଶି ଭୂଷଣ ପଣ୍ଡା ପୂଜାର୍ଚ୍ଚନା କରିବା ସହିତ ହୋମଯଜ୍ଞ କରିଥିଲେ। ଗୌଡପଡ଼ା ହନୁମାନ ମନ୍ଦିରରେ ମହିଳା କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର ରେ ସୂର୍ଯ୍ୟ ମିଶ୍ର, ବାସୁଦେବ ମିଶ୍ର, ଜିତୁ ପୂଝାରୀ, ଆଦିତ୍ୟ ପୂଝାରୀ, ପ୍ରଦୀପ ପୂଝାରୀ, ନିମାଇଁ ଚରଣ ବେହେରା, ମୁନା ମିଶ୍ର, ସତ୍ୟନାରାୟଣ ପଣ୍ଡା, ରବୀନ୍ଦ୍ର ଦୀକ୍ଷିତଙ୍କ ସମେତ କମକର୍ତ୍ତା ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ମନ୍ଦିର ମାନଙ୍କ ସମେତ ଘର ଘରେ ଦିପାବଳୀ ପାଳନ କରି ଦୀପ ଜଳା ଯାଇଥିବା ବେଳେ ସହରର ଏକ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

**କୋଲାବିରା:** କୋଲାବିରା ଅଞ୍ଚଳରେ ସମସ୍ତ ଗ୍ରାମରେ ପୂଜାର୍ଚ୍ଚନା ସାଙ୍ଗକୁ ଦୀପାବଳି ପାଳନ କରିଛନ୍ତି। ଦିନ ତମାମ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ସାଙ୍ଗକୁ ଭଜନ, କୀର୍ତ୍ତନ, ପ୍ରସାଦସେବନରେ ସାମିଲ ହୋଇଛନ୍ତି। କୋଲାବିରା କୁମ୍ଭାରପଡ଼ା ସ୍ଥିତ ହନୁମାନ ମନ୍ଦିର ଠାରୁ ଏକ ଧାର୍ମିକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଘରେ ଘରେ ଶ୍ରୀରାମଲାଲାଙ୍କୁ ପୂଜା କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଗ୍ରାମର ଶ୍ରଦ୍ଧାଳୁଙ୍କ ଦ୍ୱାରା ସହସ୍ରାଧିକ ଦୀପ ପ୍ରଜ୍ୱଳନ କରାଯାଇ ଦୀପାବଳି ପାଳନ କରାଯାଇଥିଲା ଭଜନ କୀର୍ତ୍ତନ ସାଙ୍ଗକୁ ବାଣ, ରୋଷଣୀରେ ପ୍ରକମ୍ପିତ ହୋଇ ଉଠିଥିଲା ଅଞ୍ଚଳ।





**ଲଖନପୁର:** ଅଯୋଧ୍ୟାରେ ନବନିର୍ମିତ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଲଖନପୁର ବ୍ଲକ ୩୩ଗୋଟି ପଞ୍ଚାୟତର ସମସ୍ତ ଗାଁ, ପଡ଼ା ଗୁଡ଼ିକରେ ଏହି ପବିତ୍ର ପ୍ରାଣ ପ୍ରତିଷ୍ଠାକୁ ନେଇ ଯଜ୍ଞ, ହୋମ, ନାମଜପ ସହିତ କୀର୍ତ୍ତନ ଆଦି ଆୟୋଜିତ ହୋଇଥିଲା। ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକତ୍ରିତ ହୋଇ ନିଜ ଗାଁ, ପଡ଼ା ଗୁଡ଼ିକରେ ଥିବା ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଏକତ୍ରିତ ହୋଇ ଅନ୍ନଭୋଗ ପ୍ରସାଦ ସେବନ କରିଥିଲେ।

**ଭୁବନେଶ୍ୱରରେ ଗୋଁଣ୍ଡୱନା ଭବନ ଓ ଜଙ୍ଘା ବଡଦେଓ ମନ୍ଦିର ନିର୍ମାଣ ପ୍ରସଙ୍ଗ**

# ଆବଶ୍ୟକ ଜମି ଓ ପାଣ୍ଠି ଯୋଗାଇବେ ରାଜ୍ୟ ସରକାର

**ଝାରସୁଗୁଡ଼ା, ୨୨।୧(ସମିସ):** ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଓଡ଼ିଶା ପ୍ରଦେଶର ୨୦ଟି ଗୋଁଣ୍ଡ ବହୁଳ ଜିଲ୍ଲା ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆଁପଡ଼ା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ଅନୁଗୁଳ, କଟକ, ନୟାଗଡ଼, ଖୋର୍ଦ୍ଧା ଢ଼େଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲାରୁ ଶହେରୁ ଅଧିକ ଏକ ପ୍ରତିନିଧିଦଳ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ରାଜ୍ୟରେ ବସବାସ କରୁଥିବା ୧୬ ଲକ୍ଷରୁ ଉର୍ଦ୍ଧ୍ୱ ଗୋଣ୍ଡମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ସର୍ବପ୍ରଥମେ ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱର ଠାରେ ଗୋଁଣ୍ଡୱନା



ଭବନ ଓ ଜଙ୍ଘା ବଡଦେଓ ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଜମି ଓ ପାଣ୍ଠି ଯୋଗାଇ ଦେବାକୁ ଦାବି କରିଥିଲେ। ଅନ୍ୟ ଦାବି ମଧ୍ୟରେ ୨୦ଟି ଗୋଁଣ୍ଡ ବହୁଳ ଜିଲ୍ଲାରେ ଗୋଁଣ୍ଡୱନା ଭବନ ନିର୍ମାଣ ସହିତ ଜଙ୍ଘା ବଡଦେଓଙ୍କର ଭବ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ମଧ ଜମି ଓ ପାଣ୍ଠି ଯୋଗାଇ ଦେବା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ କୋଲାବିରା ଜମିଦାର ବୀର କରୁଣାକର ସିଂହ ନାଏକ, ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କୁ ସହିଦ ମାନ୍ୟତା, କୋଲାବିରା ଗଡର ସୁରକ୍ଷା, ସହିଦ କରୁଣାକର ସିଂହ ନାଏକ, ଖଗ ନାଏକ ଓ କହ୍ନେଇ ନାଏକ ସ୍ମୃତି ଟ୍ରଷ୍ଟକୁ ୫୦ ଲକ୍ଷ ଟଙ୍କା ଅନୁଦାନ ଓ କୋଲାବିରା ବ୍ଲକକୁ ଆଦିବାସୀ ବ୍ଲକ ଘୋଷଣା ଗୁଡିକ ପୂରଣ କରିବା ପାଇଁ ଶ୍ରୀ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଜାଣଇଛନ୍ତି। ଏହି ପ୍ରତିନିଧି ଦଳରେ ମହାସଭାର ମୁଖ୍ୟ ପୁରୋଧା ତଥା ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଖାମସିଂ ମାଝୀ, ରାଜ୍ୟ ସଭାନେତ୍ରୀ ସୁକାନ୍ତିବାଳା ନାୟକ, ଉପ ସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ମଧୁସୂଦନ ପ୍ରଧାନ, ଚୁଡାମଣୀ ଧ୍ରୁବୁଆ, ମିନକେତନ ମାଝୀ, ଜିଲ୍ଲା ସଭାପତି ଶ୍ୟାମସୁନ୍ଦର ଭୋଇ, ବଲାଙ୍ଗୀର, ଭାଗିରଥି ସିଂହ, ବରଗଡ଼, ଡମ୍ବରୁଧର ନାଏକ ଝାରସୁଗୁଡା, ସଦାଶିବ ନାୟକ ଅନୁଗୁଳ, ମୁକୁନ୍ଦ ପଡ଼ିଆମୀ ମାଲକାନଗିରି, ରଘୁନାଥ ନାୟକ ମୟୂରଭଞ୍ଜ, କୁଳମଣି ସିଂହ ଢ଼େଙ୍କାନାଳ, ବିରାଜ ଭୋଇ ସୋନପୁର, ଚନ୍ଦ୍ରମୋହନ ନାୟକ, କେନ୍ଦୁଝର ଭବାନୀ ଶଙ୍କର ନାୟକ, ଗୋରେଖ ଚନ୍ଦ୍ର ନାୟକ, ଯଶୋଦା ମାନସିଂହ, ପଦ୍ମନ ପତ୍ର, କଳାହାଣ୍ଡି, ଲୋଚନ ଧ୍ରୁବୁଆ, ମିନତୀ ସିଂହ, ଶକୁନ୍ତଳା ନାୟକ, ବିନୋଦ ବିହାରୀ ମଲ୍ଲିକ ଉପ ସଭାପତି ବଲାଙ୍ଗୀର, ଜିଲ୍ଲା ମହାସଚିବ ଧନେଶ୍ୱର ସିଂହ, ବରଗଡ଼, ସମ୍ବଲପୁର, ଶ୍ୟାମଲାଲ ନାଏକ, ଝାରସୁଗୁଡା, ରୁଦ୍ରପ୍ରତାପ ସିଂହ, ରାଜେଶ ନେଟୀ, ନଳିନ ନାଏକ, ମାଧବ ସିଂହ ନାଏକ, ହେମନ୍ତ ଧ୍ରୁବୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀରାମଙ୍କ ପାଇଁ ପୁରପଲ୍ଲୀ ଉତ୍ସବମୁଖର




**ଦେବଗଡ଼, ୨୨।୧(ସମିସ):** ଶ୍ରୀ ରାମ ଜନ୍ମଭୂମି ଅଯୋଧ୍ୟାରେ ନବ ନିର୍ମିତ ମନ୍ଦିରରେ ମହାପ୍ରଭୁ ଶ୍ରୀରାମଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏହି ପରିପେକ୍ଷୀରେ ସମଗ୍ର ଭାରତ ବର୍ଷ ମୁଖରିତ ହୋଇପଡ଼ିଛି। ଦେବଗଡ଼ ଜିଲ୍ଲାର ଗାଁରୁ ସହର ସବୁଆଡେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଚଉଦିଗ ରାମମୟ ହୋଇପଡ଼ିଛି। ଦେବଗଡ଼ ବଜରଙ୍ଗ ମଣ୍ଡପ ଆନୁକୂଲ୍ୟରେ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ ଡିଜେ ସାଉଣ୍ଡ ଓ ବିଭିନ୍ନ ବାଦ୍ୟ ଯନ୍ତ୍ରର ତାଳେ ତାଳେ ଜୟ ଶ୍ରୀରାମ ସ୍ଲୋଗାନ ସହ ସ୍ଥାନୀୟ ଗୋପାଳନୀ ମନ୍ଦିରରୁ ଏକ ଶୋଭାତ୍ରାରେ ନଗର ପରିକ୍ରମା କରିଥିଲେ। ବଜରଙ୍ଗ ମଣ୍ଡପର କର୍ମକର୍ତ୍ତା ଉଦୀପ୍ତ ନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, ଧର୍ମେନ୍ଦ୍ର ଦେବତା, ଜନ୍ମେଜୟ ନାୟକ, ଭୋଳାନାଥ ଦାସ, ପ୍ରଶାନ୍ତ ଭୁକ୍ତା, ବ୍ରହ୍ମଚାରୀ ସଞ୍ଜିତ ନାୟକ, ରାଜେଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରାରେ କୁନି କୁନି ଶିଶୁଙ୍କୁ ପ୍ରଭୁ ଶ୍ରୀ ରାମ, ଲକ୍ଷ୍ମଣ, ମାତା ସୀତା ଓ ବୀର ହନୁମାନଙ୍କ ବେଶରେ ସୁସଜ୍ଜିତ କରି ନଗର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରା ସେଠାକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଦେବଗଡ଼ ପୌର ପରିଷଦ ଉପାଧକ୍ଷ ପ୍ରଜିତ ଭୋଜଙ୍କ ଆବାହକତ୍ୱରେ ନୀଳବେର୍ଣ୍ଣୀ ସାହି ବାସିନ୍ଦାଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରେ ଥିବା ହନୁମାନ ମନ୍ଦିରରୁ ଶ୍ରଦ୍ଧାଳୁ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ୯ ନମ୍ବର ୱାର୍ଡର କାଉନସିଲର ସରୋଜିଣୀ ମୁଣ୍ଡା, ୮ ନମ୍ବର ୱାର୍ଡର କାଉନସିଲର ମଧୁସୂଦନ ବାଘ, ୧୧ ନମ୍ବର ୱାର୍ଡର କାଉନସିଲର କାର୍ତ୍ତିକ ମହାକୁଳ, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ଭୁତିଆ ଓ ବିଜେପି ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସୁଧୀର ବ୍ରହ୍ମା ପ୍ରମୁକ ଅଂଶଗ୍ରହଣ କରିଥିଲେ। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଅଂଶଗ୍ରହଣ କରିଥିଲେ। ବାରକୋଟ ବ୍ଲକ କଣ୍ଢେଲରେ ଥିବା ହନୁମାନ ମନ୍ଦିରରେ ମଧ ଏହି ଉତ୍ସବକୁ ଉତ୍ସାହର ପାଳନ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠାତା ହୀରାଲାଲ ସାହୁଙ୍କ ତତ୍ତ୍ୱାବଧାନରେ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତର ଅକ୍ଷରଶୀଳା ଗ୍ରାମରେ ଥିବା ମା' ଅକ୍ଷରପାଟଙ୍କ ପୀଠରେ ଏହି ଉତ୍ସବ ଉତ୍ସାହର ପାଳନ କରାଯାଇଥିଲା। ଜଗନ୍ନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜାର୍ଚ୍ଚନାରେ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ବାରକୋଟ ବ୍ଲକ ମଧ୍ୟପୁର ଗ୍ରାମରେ ଜିଲା ବିଜେପି ଉପସଭାପତି ଭାରତ ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଉତ୍ସବ ପାଳିତ ହୋଇଥିଲା। ଗ୍ରାମବାସୀ ନିଜ ନିଜ ଘର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଦେବଗଡ଼ ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ମନ୍ଦିର ଓ ମଣ୍ଡପରେ ଏହି ଉତ୍ସବ ପାଳିତ ହୋଇଛି।

# ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା, ୨୨।୧(ସମିସ):** ଝାରସୁଗୁଡ଼ା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ଗଠନ ହେବାର ତିରିଶ ବର୍ଷ ହେଲା ସର୍ବପୁରାତନ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ସରକାରୀ ମାନ୍ୟତା ପାଇ ନ ଥିବାବେଳେ ଝାରସୁଗୁଡା ଜିଲ୍ଲାରେ ପିଜି ନଥିବାରୁ ପଡୋଶୀ ସମ୍ବଲପୁର ଓ ସୁନ୍ଦରଗଡ଼କୁ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଯାଉଛନ୍ତି। ଝାରସୁଗୁଡ଼ା ଜିଲ୍ଲା ପାଇଁ ଏହା ଏକ ଦୁଃଖର ବିଷୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟପଟେ ଝାରସୁଗୁଡ଼ା ଜିଲ୍ଲାରେ ଗତ ଚବିଶ ବର୍ଷ ତଳେ ଅନେକେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଥିବାବେଳେ ବେଳେ ଝାରସୁଗୁଡ଼ା ବାସୀ ପ୍ରଦୂଷଣ ବଳୟରେ ଜୀବନ ନିର୍ବାହ କରୁଛନ୍ତି। ଡାକ୍ତରଖାନା ଆଉଟଡୋରରେ ଡାକ୍ତର ଶୂନ୍ୟ ଥିବା ପରିଲକ୍ଷିତ ହେଉଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସହରର ମୁଖ୍ୟ ରାସ୍ତା ସଫାସୁତୁରା ହେଉଥିବାବେଳେ ବିଭିନ୍ନ ଗଳିକନ୍ଦି ସଫାସୁତୁରା ହେଉନାହିଁ। ଝାରସୁଗୁଡ଼ା ସହରରେ ଟ୍ରାଫିକ ସମସ୍ୟା ରହିଛି। ଅନ୍ୟପଟେ ଝାରସୁଗୁଡ଼ା ଜିଲ୍ଲାରେ ଅନେକେ ଶିକ୍ଷାନୁଷ୍ଠାନ ଗୁଡିକୁରେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷିତ କରୁଥିବା ବେଳେ ବାହାର ରାଜ୍ୟର ପିଲାମାନଙ୍କୁ ନିଯୁକ୍ତି ମିଳୁଛି। ସ୍ମାରକ ପତ୍ର ପ୍ରଦାନ ସମୟରେ ବିକାଶ ପରିଷଦର ମନମୋହନ ପଣ୍ଡିତ, ସଞ୍ଜୟ ମାଳି, ତ୍ରିନାଥ ଗୋଏଲ, ରାଧାକାନ୍ତ ସା, ଏନ୍ କେ ମିଶ୍ର, ମାନବ ଘୋଷ, ତପନ ମିଶ୍ର, ପ୍ରଶାନ୍ତ ମହାନ୍ତି, ବସନ୍ତ ଜେନା ଓ ପ୍ରହ୍ଲାଦ ନାଏକ ଉପସ୍ଥିତ ଥିଲେ।



**ଦ୍ୱିତୀୟ ଜଂଘାଲିଙ୍ଗା କପ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ**

# ଅଢ଼ାପରାକୁ ହରାଇ କୁଡ଼ାଲୋଇ ଚାମ୍ପିଅନ



**ଝାରସୁଗୁଡ଼ା/ବ୍ରଜରାଜନଗର, ୨୨।୧(ସମିସ):** ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ କୁଦୋପାଲିରେ ଜଂଘାଲିଙ୍ଗାଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିଏସ ଏସ କ୍ଲବ, କୁଦୋପାଲି ଦ୍ୱାରା ଆୟୋଜିତ ତ୍ରିଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ କୁଡ଼ାଲୋଇ ଦଳ ଅଢ଼ାପରା ଦଳକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ହରାଇ ଚାମ୍ପିଅନ ହୋଇଛି। ଫାଇନଲରେ ବିଜୟୀ ଦଳକୁ ୩୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। କୁଦୋପାଲି ସରପଞ୍ଚ କଲ୍ୟାଣୀ ଦୀକ୍ଷିତ, ସମିତି ସଭ୍ୟା ପ୍ରତିନିଧି ଜିତେନ୍ଦ୍ର ପ୍ରଧାନ, ଗଣେଶ ବାଗ, କୃଷ୍ଣଚନ୍ଦ୍ର ଦୀକ୍ଷିତ, ଦିଲୀପ ରାଉତ, ପ୍ରମୋଦ ଗଡ଼ତିଆ, ରାମନାରାୟଣ ରାଏ, ଛାତ୍ର ସଭାପତି ଲଳିତ ତନ୍ତୀ, ଆନନ୍ଦ ବେହେରା, ମନୋଜ ଖଣ୍ଡେତ, ସିଦ୍ଧେଶ୍ୱର ନେଟି ସହିତ ପଞ୍ଚାୟତର ବୁଦ୍ଧିଜୀବୀ, ଖେଳାଳି ଏବଂ ଦର୍ଶକମାନେ ଉପସ୍ଥିତ ଥିଲେ।

**'ଉତ୍ସବ ପ୍ରଧାନପାଟ' ଉଦ୍‌ଯାପିତ**

# ନାଚ ଓ ଗୀତରେ ଝୁମିଲେ ଦର୍ଶକ

**ଦେବଗଡ଼, ୨୨।୧(ସମିସ)**

ପ୍ରଧାନପାଟ ଜଳପ୍ରପାତ ପାଦ ଦେଶରେ ଥିବା ବଡବଗିଚାରେ ୧୮ ତାରିଖଠାରୁ ଆରମ୍ଭ ହୋଇଥିବା ଦେବଗଡ଼ ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୪' ଉଦ୍‌ଯାପିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲପାଳ ରେବକୋ ବିଲୁଙ୍ଗ ମଞ୍ଚାସୀନ ଥିଲେ। ଲୋକପ୍ରିୟ ସମ୍ବଲପୁରୀ କଣ୍ଠଶିଳ୍ପୀ ରୁକୁ ସୁନାଙ୍କ ଦଳର ନୃତ୍ୟର ତାଳେ ତାଳେ ଦର୍ଶକ ନାଚି ଉଠିଥିଲେ। ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ସଭାପତିତ୍ୱ କରିଥିଲେ।









# ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




**ଦେବଗଡ଼, ୨୨।୧(ସମିସ):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା ସମୟରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନିର୍ଦ୍ଦେଶରେ ବିଜେପି କର୍ମୀ କଂଗ୍ରେସ ନେତାଙ୍କୁ ଆକ୍ରମଣ କରିବା ଓ ଦଳୀୟ ପୋଷ୍ଟର ଓ ବ୍ୟାନର ଚିରିବାକୁ କଂଗ୍ରେସ ଦୃଢ ପ୍ରତିବାଦ କରିଛି। ଦେବଗଡ଼ ଜିଲ୍ଲାପାଳଙ୍କ କର୍ଯ୍ୟାଳୟ ସମ୍ମୁଖରେ ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ଦେବଗଡ଼ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଶ୍ରୀତମ ସାହୁ, ସୁମନ୍ତ ବେହେରା, ଆନନ୍ଦ କୁଲା, ନାଥ କୃଷ୍ଣ ଜାଲ ଓ କ୍ଷୀରୋଦ ଚନ୍ଦ୍ର ଦୀପଙ୍କ ସମେତ ବହୁ କଂଗ୍ରେସ କର୍ମୀ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ।





# ବରଗଡ଼ରେ ପାର୍ଶ୍ୱ ଅଭିନେତା: ଅନ୍ୟ ସ୍ଥାନରେ ମୁଖ୍ୟ ଚରିତ୍ର

**ବରଗଡ଼, ୨୨।୧ (ସମିସ)**

ବରଗଡ଼ ସହିତ ପଶ୍ଚିମ ଓଡ଼ିଶା ତଥା ଓଡ଼ିଶାର ଅନ୍ୟ ବହୁ ସ୍ଥାନରେ ଧନୁଯାତ୍ରା, ରାବଣ ଦରବାର, କୃଷ୍ଣ ଲୀଳା, ଜଳନ୍ଧର ଦରବାର ପରି ଯାତ୍ରା ଖୋଲାମଞ୍ଚରେ ଅନୁଷ୍ଠିତ ହୋଇଥାଏ। ଏସବୁ ଯାତ୍ରାରେ ଶହ ଶହ ଅଭିନେତା ବିଭିନ୍ନ ଚରିତ୍ରରେ ଅଭିନୟ କରିଥାନ୍ତି। ବର୍ଷତମାମ ଚାଲିଥିବା ଏସବୁ ଯାତ୍ରାଗୁଡ଼ିକରେ ବହୁ ଅଭିନେତାମାନେ ମୁଖ୍ୟ ଚରିତ୍ରରେ ଅଭିନୟ କରି ଆସୁଛନ୍ତି। ବରଗଡ଼ ଧନୁଯାତ୍ରା ବିଶ୍ୱ ପ୍ରସିଦ୍ଧ ହୋଇଥିବାରୁ ଅନ୍ୟ ବହୁ ସ୍ଥାନରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବା ଅଭିନେତାମାନେ ଏଠାରେ ସାମାନ୍ୟ ପାର୍ଶ୍ୱ ଚରିତ୍ରର ସୁଯୋଗ ମିଳିଲେ ମଧ୍ୟ ଏହାକୁ ହାତଛଡା କରି ନ ଥାନ୍ତି। ଏପରିକି ଅନେକ ଯାତ୍ରାର କଂସ ଚରିତ୍ରରେ ଅଭିନୟ କରୁଥିବା ଅଭିନେତାମାନେ ବରଗଡ଼ ଧନୁଯାତ୍ରାରେ ସାଧାରଣ ଭୂମିକାରେ ଦେଖିବାକୁ ମିଳିଥାନ୍ତି। ଚଳିତ ବର୍ଷ ମଧ୍ୟ ଏହି ପରମ୍ପରା ଜାରି ରହିଛି।

ଧନୁଯାତ୍ରାକୁ ୧୯୪୮ ରେ ପ୍ରଥମେ ଯେଉଁମାନେ ପରିକଳ୍ପନା କରିଥିଲେ ସେମାନେ ବୋଧେ ନିଜେ ଭାବି ନ ଥିଲେ ଏହା ବିଶ୍ୱସ୍ତରକୁ ପହଞ୍ଚିବ। ସହରରେ ମନୋରଞ୍ଜନର କୌଣସି ମାଧ୍ୟମ ନ ଥିବାରୁ ୧୫ ଦିନର ଲୋକଙ୍କ ମନୋରଞ୍ଜନ ପାଇଁ ଏହି ଯାତ୍ରାର ଆୟୋଜନ କରାଯାଇଥିଲା। ତେବେ ଯାତ୍ରାରେ ଲୋକପ୍ରିୟତା ଯୋଗୁଁ ବହୁ ସ୍ଥାନରେ ମୁଖ୍ୟଭୂମିକାରେ ଅଭିନୟ କରୁଥିବା କଳାକାର ଏଠାରେ ସାମାନ୍ୟ ଭୂମିକାରେ ଅଭିନୟ କରିବା ସୌଭାଗ୍ୟର ବିଷୟ ବୋଲି ଅଭିହିତ କରିବା ହେଉଛି ବରଗଡ଼ ଧନୁଯାତ୍ରାର ଲୋକପ୍ରିୟତା। କୁମ୍ଭାରୀର ସେବାନନ୍ଦ ନାୟକ, ସୋହେଲା ଗୋବିନ୍ଦପୁରର ଶିବ ସୁନା ପରି କଳାକାର ବିଭିନ୍ନ ଯାତ୍ରାରେ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି। ହେଲେ ବରଗଡ଼ ଧନୁଯାତ୍ରାରେ ସେବାନନ୍ଦ ମହାମନ୍ତ୍ରୀ ସାତ୍ୟକୀ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ଶିବ ସୁନା ବରଗଡ଼ ଧନୁଯାତ୍ରାରେ ବାଣାସୁର, ଯମ ପରି ପାର୍ଶ୍ୱ ଚରିତ୍ରରେ ଅଭିନୟ କରୁଛନ୍ତି। ଅନୁରୂପ ଭାବେ ସୋନପୁର ଜିଲ୍ଲା ସରଗୁଲ ବାସିନ୍ଦା ଦେବକାନ୍ତ ବନଛୋର ରାବଣ ଦରବାରରେ ମୁଖ୍ୟ ଭୂମିକା ମହାରାଜ ରାବଣ ଚରିତ୍ରରେ ଅଭିନୟ କରୁଥିବା ବେଳେ ବରଗଡ଼ରେ ସେନାପତି ସିଂହଧ୍ୱଜ ଭୂମିକାରେ ଅବତୀର୍ଣ୍ଣ ହେବା ଗୌରବର ବିଷୟ ବୋଲି ଅଭିବ୍ୟକ୍ତ କରିଥାନ୍ତି। ସେହିପରି ବରଗଡ଼ ଧନୁଯାତ୍ରାରେ ପୂର୍ବରୁ ସେନାପତି ପ୍ରଦ୍ୟୁତ ଏବଂ ବର୍ତ୍ତମାନର ମହାମନ୍ତ୍ରୀ ଶକ୍ରାଜିତ ଭୂମିକାରେ ଅଭିନୟ କରୁଥିବା ଗୋଲାପଚନ୍ଦ୍ର ଦାଶ ବିଜେପୁରରେ ରାବଣ, ବରପାଲିରେ ତାରକାସୁର, ବୈରଖପାଲି ଏବଂ ଜାଲପାଲିରେ କଂସ ତଥା ବନ୍ଧପାଲିରେ ଜଳନ୍ଧର ପରି ମୁଖ୍ୟଭୂମିକାରେ ଅଭିନୟ କରିଥାନ୍ତି। ବୌଦ୍ଧ ଏନଏସିରେ ଅମିନ ଭାବରେ କାର୍ଯ୍ୟରତ ସଂଗ୍ରାମ ଦେହୁରୀ ବାଉଁଶୁଣୀ, ଫୁଲବାଣୀ ଆଦି ଯାତ୍ରାରେ ମୁଖ୍ୟ ଚରିତ୍ର ରାବଣ ଭୂମିକରେ ଅବତୀର୍ଣ୍ଣ ହୋଇଥାନ୍ତି। ମାତ୍ର ବରଗଡ଼ ଧନୁଯାତ୍ରାର ଆକର୍ଷଣ ତାଙ୍କୁ ଟାଣି ଆଣିଛି ସାମାନ୍ୟ ସେନାପତି ଚନ୍ଦ୍ରକେତୁ ଭୂମିକାରେ ଅଭିନୟ କରିବା ପାଇଁ। ବରଗଡ଼ ଧନୁଯାତ୍ରାର ଆଉ ଜଣେ କଳାକାର ହେଲେ ଅଇଁଠୁ ସାହୁ। ବୀରମହାରାଜପୁର ମହଦା ନିବାସୀ ଅଇଁଠୁ ଏଠାରେ ଗର୍ଗମୁନି, ଦୁର୍ମିଳାସୁର, ଷଣ୍ଡାସୁର, ଜରାସନ୍ଧ, ଶିବ ପରି ଭୂମିକାରେ ଅଭିନୟ କରିଥାନ୍ତି। ଜଣେ ଉଚ୍ଚକୋଟୀର କଳାକାର ଅଇଁଠୁ କିନ୍ତୁ ନାରାୟଣ ନାଟ୍ୟ କଳା ପରିଷଦରେ ରାବଣ ଭୂମିକାରେ ଅଭିନୟ କରି ନିଜ ଅଭିନୟ ପାରଦର୍ଶିତା ପ୍ରତିପାଦନ କରିଛନ୍ତି। ସେହିପରି ବିଜେପୁର ଲାଉମୁଣ୍ଡା ନିବାସୀ ହୃଷିକେଶ ମେହେର ନିଜ ଗାଁରେ ରାବଣ ଭୂମିକାରେ ଅଭିନୟ କରିଥାନ୍ତି। ଲାଉମୁଣ୍ଡାରେ ମୁଖ୍ୟ ଚରିତ୍ରରେ ଅଭିନୟ କରୁଥିବା ହୃଷିକେଶଙ୍କ ଅଭିନୟ ନିଶା ଟାଣି ଆଣିଛି ବରଗଡ଼ ଧନୁଯାତ୍ରାକୁ। ଏଠାରେ ସେ ସେନାପତି ପ୍ରଦ୍ୟୁତ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ବେଶ ଆକୃଷ୍ଟ କରିପାରିଛନ୍ତି। ବରଗଡ଼ ଧନୁଯାତ୍ରାରେ ସାମାନ୍ୟ ପାର୍ଶ୍ୱ ଚରିତ୍ରରେ ଅବତୀର୍ଣ୍ଣ ହେବା ସୌଭାଗ୍ୟର ବିଷୟ ବୋଲି କହିଥାନ୍ତି କଳାକାରମାନେ।
























## ବରିଷ୍ଠ କଳାକାର ଗୋବିନ୍ଦ ଦାଶଙ୍କୁ ୧୭ତମ ଯୁଧିଷ୍ଠିର ସମ୍ମାନ

**ବରଗଡ଼, ୨୨।୧(ସମିସ):** ବରିଷ୍ଠ କଳାକାର ଗୋବିନ୍ଦ ଦାଶଙ୍କୁ ୧୭ତମ ଯୁଧିଷ୍ଠିର ସମ୍ମାନ ପ୍ରଦାନ କରାଯାଇଛି। ୭୬ତମ ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସରେ ରାଜଦରବାର ଠାରେ କଂସ ମହାରାଜ ହୃଷିକେଶ ଭୋଇ ସ୍ମୃତିଫଳକ ଦେଇ ସମ୍ମାନିତ କରିଥିଲେ। ବରିଷ୍ଠ କଳାକାର ଗୋବିନ୍ଦ ଦାଶ ୨୧ ବର୍ଷ ଧରି ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ବସୁଦେବ ଭୂମିକାରେ ଅଭିନୟ କରିଥିଲେ। ଧନୁଯାତ୍ରାର ପୂର୍ବତନ କଂସ ସ୍ୱର୍ଗତ ଯୁଧିଷ୍ଠିର ଶତପଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପକ୍ଷରୁ ଦୀର୍ଘ ୧୭ ବର୍ଷ ଧରି ଜଣେ ବର୍ଷିଆନ କଳାକାରଙ୍କୁ ଏହି ସମ୍ମାନ ଦ୍ୱାରା ଉତ୍ସାହିତ କରାଯାଉଛି। ସୁବର୍ଣ୍ଣଦୀପର ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ସହ ସମ୍ପାଦକ ଅଧ୍ୟାପକ ନବକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ଉପସ୍ଥିତ ଥିଲେ।



ଏଇ ସେ ବୃନ୍ଦାବନ ଅତିପୂର୍ଣ୍ଣ୍ୟମୟ ସ୍ଥାନ,
ତହିଁ ବିହାର କରନ୍ତି ରଙ୍ଗାଧର,
ଏ ତ ସେ ଚରଣ ଚିହ୍ନ ପଡ଼ି ଦିଶଇ ଶୋଭନ,
ଊନବିଂଶ ଚିହ୍ନ ବିରାଜିତ ଯହିଁର,
ଯୋଗୀ ଜନ ଯେ ପାଦଧ୍ୟାୟୀ,
ସେ ପାଦ ଦେଖିଲି ମୁହିଁ ଅଧମ ହୋଇ'।

ମହାରାଜା କଂସଙ୍କ ଆଦେଶ ପାଇ ଗୋପପୁର ପହଞ୍ଚି ଯମୁନା ନଈ ପଠାରେ କୃଷ୍ଣ ପାଦ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଛନ୍ତି ମହାମନ୍ତ୍ରୀ ଅକ୍ରୂର ଏବଂ ଆପେ ଆପେ ବାହାରି ପଡ଼ିଛି ତାଙ୍କ ମୁଖରୁ ଏଇ କେତୋଟି ଉକ୍ତି। ଯେଉଁ ଦୃଶ୍ୟଟି ଭକ୍ତମାନଙ୍କ ମଧ୍ୟରେ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି ଧନୁଯାତ୍ରାର ଅଷ୍ଟମ ଦିନରେ। ଯମୁନା ନଈ ନିକଟସ୍ଥ ବୃନ୍ଦାବନ ପଡ଼ିଆରେ ପହଞ୍ଚି ହଠାତ୍ ଗୋପାଳଙ୍କ ସହ ଗୋଚାରଣ କରୁଥିବା ଗୋଲକ ବିହାରୀ ଶ୍ରୀକୃଷ୍ଣଙ୍କୁ ଦେଖି ରଥରୁ ଓହ୍ଲାଇ ସାଷ୍ଟାଙ୍ଗ ପ୍ରଣିପାତ କରିଛନ୍ତି ବିଷ୍ଣୁ ଭକ୍ତ ଅକ୍ରୂର। ଗୋଲକ ବିହାରୀଙ୍କ ଦର୍ଶନ ପରେ ନିଜକୁ ଧନ୍ୟ ମନେ କରିବା ସହ ଚକ୍ଷୁାଶ୍ରୁ ଆପେ ଆପେ ଗଦ୍ ଗଦ୍ ହୋଇ ପଡ଼ିଛି ଏବଂ ତାଙ୍କ ମୁଖରୁ ବାହାରି ପଡ଼ିଛି...

' କସ୍ତୁରୀ ତିଳକମ୍ ଲଲାଟ ପଟେଲେ,
ବକ୍ଷସ୍ଥଳେ କୌସ୍ତୁଭମ୍,
ନାଶାଗ୍ରେ ଗଜମୁକ୍ତିକମ୍,
କରତଳେ ଶ୍ରୀବେଣୁ କରେ କଙ୍କଣଂ,
ସର୍ବାଙ୍ଗେ ହରିଚନ୍ଦନମ୍ ସୁଲଳିତମ୍,
କଣ୍ଠେ ଚ ମୁକ୍ତାବଳୀ,
ଗୋପବାଳକ ପରିବେଷ୍ଟିତେ,
ଶ୍ରୀଗୋପାଳ ଚୂଡାମଣି।

ପରେ କୃଷ୍ଣବଳରାମ ବେନି ଭାଇଙ୍କୁ ଅକ୍ରୂର ଆସିବାର ଅଭିପ୍ରାୟ କହିବା ସହ ନନ୍ଦଭବନ ପହଞ୍ଚି ମହାରାଜା କଂସଙ୍କ ଚିଟାଉ ନନ୍ଦରାଜାଙ୍କୁ ହସ୍ତାନ୍ତର କରିଛନ୍ତି।

ସେହିପରି ଗୋ-ପାଳକଙ୍କ ସଙ୍ଗେ ଭଗବାନ ଶ୍ରୀକୃଷ୍ଣଙ୍କ ଗୋଚାରଣ, ବଣଭୋଜି, ଅନ୍ଧ ବ୍ରାହ୍ମଣଙ୍କୁ ଚକ୍ଷୁଦାନ ଦୃଶ୍ୟ ଅଭିନୀତ ହୋଇଥିଲା। ଗୋ-ଚାରଣ କରୁଥିବା ସମୟରେ ଗୋପାଙ୍ଗନାମାନଙ୍କୁ ଉଭେଇ ନେଇଥିବା ଶଙ୍ଖଚୂଡକୁ ବଧ କରି ଶଙ୍ଖ ମଣି ଉଦ୍ଧାର କରିଛନ୍ତି ଭଗବାନ ଶ୍ରୀକୃଷ୍ଣ। ଭଗବାନ ଶ୍ରୀକୃଷ୍ଣ ଶବରୀ ହାତରୁ ଅଇଁଠା କୋଳି ଖାଇବାର ଦୃଶ୍ୟ ମର୍ମସ୍ପର୍ଶୀ ହୋଇ ପାରିଥିଲା ଅଷ୍ଟମ ଦିନରେ।





## 'ନିଷ୍ଠା' ପକ୍ଷରୁ ୧୦୩ ୟୁନିଟ ରକ୍ତ ସଂଗୃହୀତ

**ବରଗଡ଼,୨୨।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ନିଷ୍ଠା ପରିବାର ତରଫରୁ ଚାଲିଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଦ୍ୱିତୀୟ ଦିନରେ ୧୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମହାରାଜ କଂସଙ୍କ ଆଦେଶକ୍ରମେ ମଥୁରାନଗରୀ (ବରଗଡ଼)ର ମିନାବଜାର ଜର୍ଜ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି ଶିବିରର ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ଶଙ୍କର ରାମଚନ୍ଦାନୀ, ବରଗଡ଼ ପୌରପରିଷଦର ଅଧକ୍ଷା କଳ୍ପନା ମାଝୀ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାୟକ, ଅଧ୍ୟାପକ ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଭାପତି ରକ୍ଷପାଲ ସାହୁ, ଉପସଭାପତି କ୍ଷିରୋଦ୍ର ସାହୁ, ଜିତୁ ମହାପାତ୍ର,ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ସହ ସମ୍ପାଦକ ମଦନମୋହନ ଦାସ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଓ ଅନ୍ୟ ସଦସ୍ୟ ସଦସ୍ୟା ପରିଚଳନା କରିଥିଲେ।



## ମୁକ୍ତାରେ ଏସ୍‌ଏମ୍‌ସିକୁ ମିଳିଛି ୫୬ କୋଟି

# ମିଶନଶକ୍ତି ମହିଳାଙ୍କ ସହଭାଗିତାରେ ୬୧୬ ପ୍ରକଳ୍ପ

ସମ୍ବଲପୁର, ୨୨।୧(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଞ୍ଚଳର ରୂପାନ୍ତରୀକରଣ କରିବା ପାଇଁ ମୁକ୍ତା ଯୋଜନା ଆରମ୍ଭ କରିଛନ୍ତି। ସହରରେ ରହୁଥିବା ପ୍ରମୁଖ ସମସ୍ୟା ଡ୍ରେନ, ରାସ୍ତା, ଲାଇଟ୍ ବ୍ୟବସ୍ଥା, ପାର୍କ, ବ୍ୟାୟାମ ଶାଳା ଭଳି ଉନ୍ନତିମୂଳକ ପ୍ରକଳ୍ପ ହାତକୁ ନିଆଯାଉଛି। ସମ୍ବଲପୁର ମହାନଗର ନିଗମକୁ ଏହି ଯୋଜନାରେ ୫୬ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଅନୁମୋଦନ ହୋଇଥିବା ୬୧୬ ପ୍ରକଳ୍ପ କାମ ଏବେ ଦ୍ରୁତ ଗତିରେ ଚାଲିଛି। ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ସହର ସୌନ୍ଦର୍ଯ୍ୟକରଣ ହେବା ସହ ବିକଶିତ ହେଉଛି ବୋଲି ମହାନଗରବାସୀ କହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିଶନ ଶକ୍ତିର ମହିଳାମାନଙ୍କୁ ଏଥିରେ ସାମିଲ କରାଯାଉଛି। କାର୍ଯ୍ୟ ତଦାରଖ କରିବା ସହ କେଉଁ ପ୍ରକଳ୍ପ କରାଯିବ ଓ ଆବଶ୍ୟକତା ରହିଛି ତାହା ମହିଳାମାନେ ସୁପାରିଶ ଓ ପରାମର୍ଶ କରୁଛନ୍ତି। ପୁରା ପ୍ରକଳ୍ପରେ ମହିଳାଙ୍କ ସହଭାଗିତା ରହୁଛି। ସରକାର ସେମାନଙ୍କୁ କାମ ତଦାରଖ କରିବା ପାଇଁ ଆର୍ଥିକ ପ୍ରତ୍ସାହନ ରାଶି ପ୍ରଦାନ କରୁଛନ୍ତି। ମହିଳାମାନେ କାମରେ ହସ୍ତକ୍ଷେପ କରିବା ପରେ କାମର ସ୍ୱଚ୍ଛତା ଓ ଧାର୍ଯ୍ୟ ସମୟ ଭିତରେ ହେଉଥିବା କହୁଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତ ସମୟରେ ମଧ୍ୟ ମହିଳା ମାନଙ୍କୁ ମୁକ୍ତା ଯୋଜନାରେ ଦିଆଯାଇଥିବା ପ୍ରକଳ୍ପ କାମ ସ୍ୱଚ୍ଛତା ସହିତ ଶୀଘ୍ର ସମ୍ପୂର୍ଣ୍ଣ କଲେ ପରବର୍ତ୍ତୀ କିସ୍ତି ଦିଆଯିବ ବୋଲି ଘୋଷଣା କରି ଉତ୍ସାହିତ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୫୬ କୋଟି ୭୩ ଲକ୍ଷ ଟଙ୍କାର ପାଣ୍ଠି ମଞ୍ଜୁର କରିଛନ୍ତି। ଏହି ଅନୁଦାନରେ ଶିଶୁ କ୍ରୀଡ଼ା ଉଦ୍ୟାନ, ଡ୍ରେନ, ପାର୍କ, କମ୍ୟୁନିଟି ସେଣ୍ଟର, ୱାକିଂ ଟ୍ରାକ୍, ଖେଳପଡ଼ିଆ, ପବ୍ଲିକ ଜିମ, ଭେଣ୍ଡିଙ୍ଗ ଜୋନ ଇତ୍ୟାଦି ପ୍ରକଳ୍ପ ହେଉଛି। ସମ୍ବଲପୁର ମହାନଗରର ସବୁ ପ୍ରକାର ଭିତ୍ତିଭୂମି ଓ ସୁବିଧାର ବିକାଶ ହେବ। ସମ୍ବଲପୁର ମହାନଗର ନିଗମ ପାଇଁ ମଞ୍ଜୁର ହେବା ପରେ ସ୍ଥାନୀୟ ଲୋକ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ଏହି ପାଣ୍ଠିର ସଦବିନିଯୋଗ କିପରି ହେବ ସନେଇ ସମ୍ବଲପୁର ମହାନଗର ନିଗମ ଯତ୍ନବାନ ହେବା ଦରକାର ବୋଲି ସଚେତନ ନାଗରିକ କହିଛନ୍ତି। ଏଥିସହ ଏହି ଯୋଜନା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର ଆର୍ଥିକ ସ୍ଥିତି ମଜଭୁତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



## ନବମ ପାନ୍ ଆଇଆଇଏମ୍ ବିଶ୍ୱ ମ୍ୟାନେଜମେଣ୍ଟ ସମ୍ମିଳନୀ ଆରମ୍ଭ




ବୁର୍ଲା, ୨୨।୧(ସମିସ): ଆଇଆଇଏମ୍ ସମ୍ବଲପୁରରେ ଚାରିଦିନିଆ ନବମ ପାନ ଆଇଆଇଏମ୍ ବିଶ୍ୱ ମ୍ୟାନେଜମେଣ୍ଟ ସମ୍ମିଳନୀ ଆରମ୍ଭ ହୋଇଯାଇଛି। ଅନ୍ତର୍ଭୁକ୍ତ ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ଉଦ୍ୟୋଗୀ ଉଦ୍ଭାବନ ଏବଂ ଡିଜିଟାଲ ଶାସନ' ଏହି ସମ୍ମିଳନୀର ବିଷୟବସ୍ତୁ। ଏହି ସମ୍ମିଳନୀରେ ନାଗପୁର, ତ୍ରିଚି, କାଶୀପୁର, ବେଙ୍ଗଲୋର, ଜମ୍ମୁ ସହ ଅନ୍ୟାନ୍ୟ ଆଇଆଇଏମର ନିର୍ଦ୍ଦେଶକଙ୍କ ସହ ଅନ୍ୟ ପ୍ରମୁଖ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଆଡମିନିଷ୍ଟ୍ରେସନର ନିର୍ଦ୍ଦେଶକ, ଡକ୍ଟର ଏସ୍‌ଏନ୍ ତ୍ରିପାଠୀ ମଧ୍ୟ ଯୋଗଦାନ କରିଛନ୍ତି। ଏହି ବିଶ୍ୱ ମେନେଜମେଣ୍ଟ ସମ୍ମିଳନୀରେ ଆଇଟି ଓ ଏନଆଇଟି ଭଳି ପ୍ରମୁଖ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନର ପ୍ରତିଯୋଗୀମାନେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଏହି ସମ୍ମିଳନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାରିଦିନ ଧରି ଚାଲିବାକୁ ଥିବା ଏହି ପାନ ଆଇଆଇଏମ ବିଶ୍ୱ ମ୍ୟାନେଜମେଣ୍ଟ ସମ୍ମିଳନୀରେ ଆଇଆଇଏମ ନିର୍ଦ୍ଦେଶକ ପ୍ୟାନେଲ, ସିଇଓ ପ୍ୟାନେଲ, ସିଏଚଓ ପ୍ୟାନେଲ, ଷ୍ଟାର୍ଟଅପ ରାଉଣ୍ଡ ଟେବୁଲ ଆଲୋଚନା, ସମ୍ପାଦକଙ୍କ ସହ ଆଲୋଚନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ସାମିଲ ହୋଇଛି।

## ସମ୍ବଲପୁରରେ ନୂତନ ଜିଲ୍ଲାପାଳ

ସମ୍ବଲପୁର, ୨୨।୧ (ସମିସ): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ଧରଣର ପରିବର୍ତ୍ତନ କରିଛନ୍ତି। ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା



ଦାସଙ୍କୁ ବଦଳି କରାଯାଇ ବୟନ ଶିଳ୍ପ ବିଭାଗ ଯୁଗ୍ମ ସଚିବ ନିଯୁକ୍ତି କରାଯାଇଛି। ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗୱାଲଙ୍କୁ ସମ୍ବଲପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଠିକ୍ ନିର୍ବାଚନ ପରି ସମ୍ବେଦନଶୀଳ ସମୟ ରେ ନୂତନ ଜିଲ୍ଲାପାଳ ଭାବେ ସୁନୀଲ ଅଗ୍ରୱାଲ ଯୋଗଦାନ କରିଥିବାରୁ ସରକାରଙ୍କ ଏହି ପଦ କ୍ଷେପକୁ ବହୁ ମହଲ ରେ ସ୍ୱାଗତ କରାଯାଇଛି। ନୂତନ ଜିଲ୍ଲାପାଳଙ୍କ ଯୋଗଦାନ ନିଶ୍ଚିତ ଭାବେ ସମ୍ବଲପୁରର ଉନ୍ନତି ହେବ ବୋଲି ଲୋକେ ଆଶା କରିଛନ୍ତି।

## ମାଁ ମୁଇଁ କାହ୍ନାକେ ବହୁତ ଭଲ ପାଏସିଁ

# ତାର୍ ସାଙ୍ଗେ ମୋର୍ ବିହା କରେଇ ଦେ

ସମ୍ବଲପୁର, ୨୨।୧(ସମିସ): ମାଁ ତୋ ଉପରେଁ ବହୁତ୍ ଆଶା ଅଛେ। ଶୁନିଛେଁ ତୁଇ ସମସ୍ତଙ୍କର ଦୁଃଖ୍ ଦୂର କରସୁ। ମୁଇଁ କାହ୍ନାକେ ବହୁତ୍ ଭଲ୍ ପାଏସି ମାଁ। ତାର୍ ସାଙ୍ଗେ ମୋର ବିହା କରେଇ ଦେ। ଏମିତି କିଛି ଲେଖାଥିବା ଏକ ପତ୍ର ଆଜି ସମ୍ବଲପୁରର ସମଲେଶ୍ୱରୀ ମନ୍ଦିରରେ ଥିବା ହୁଣ୍ଡିରୁ ମିଳିଛି। ଆଜି ହୁଣ୍ଡିରେ ପଡ଼ିଥିବା ଦାନ ଗଣତି ଚାଲିଥିବାବେଳେ ଏପରି ଏକ ପ୍ରେମପତ୍ର ମିଳିଛି। ଏହାସହ ସେହି ପତ୍ରରେ ଆହୁରି ଅନେକ କିଛି ଲେଖାଯାଇଛି। ବର୍ଷା ନାମକ ଏକ ଯୁବତୀ ତାଙ୍କର ପ୍ରେମିକ କାହ୍ନାକୁ ପାଇବା ପାଇଁ ଏପରି ପତ୍ର ଲେଖିଛନ୍ତି। ସେ ଲେଖିଛନ୍ତି ତୋ ପାଖକୁ ଚିଠି ଲେଖି ଜଣାଉଛି ମାଁ, ଶୁଣିଛି ତୁ ସମସ୍ତଙ୍କର ଦୁଃଖ ହରିଥାଉ। ବାସ୍ କାହ୍ନାକୁ ମୋର୍ କରିଦେ। କାହ୍ନାକୁ ମୁଁ ବହୁତ ଭଲ ପାଏଁ। ଆଜି ତୋର ଦର୍ଶନ



ପାଇଁ ଆସିଛି, ଆଗକୁ କାହ୍ନା ଆଉ ମୁଁ ସାଙ୍ଗରେ ତୋର ଦର୍ଶନ ପାଇଁ ଆସିବୁ। ତେବେ ଏହି ପତ୍ର ମିଳିବା ପରେ କାହ୍ନାକୁ ପାଇବା ପାଇଁ ବର୍ଷାଙ୍କର ଏହି ଗୁହାରୀ ସମସ୍ତଙ୍କୁ କିଛି କ୍ଷଣ ପାଇଁ ଭାବୁକ କରାଇ ଦେଇଛି। ଟ୍ରଷ୍ଟବୋର୍ଡ ପକ୍ଷରୁ ପତ୍ରକୁ ସାଇତି ରଖିବା ସହ ମାଁଙ୍କ ପାଖରେ ବର୍ଷାଙ୍କ ଦୁଃଖ ଜଣାଇ ଦିଆଯିବ ବୋଲି ଜଣାପଡ଼ିଛି। ପ୍ରାୟତଃ ଏହି ହୁଣ୍ଡିରୁ ମିଳୁଥିବା ସମସ୍ତ ପତ୍ର ମାଁଙ୍କ ପାଖରେ ପ୍ରଦାନ କରାଯିବାର ପରମ୍ପରା ରହିଛି। ସେହିପରି ପରୀକ୍ଷାରେ ପାସ୍ ଓ ସରକାରୀ ଚାକିରୀ ପାଇଁ ମଧ୍ୟ ଜଣେ ଜଣେ ଭକ୍ତ ଚିଠି ଲେଖିଛନ୍ତି।

## ହୀରାକୁଦ ମହୋତ୍ସବ ପାଇଁ ଭୂମିପୂଜା



ହୀରାକୁଦ, ୨୨।୧(ସମିସ): ସୁଭାଷ ପଡ଼ିଆରେ ଆସନ୍ତା ୨୬ ରୁ ୨୯ ପର୍ଯ୍ୟନ୍ତ ହେବାକୁ ଥିବା ଅଷ୍ଟମ ହୀରାକୁଦ ମହୋତ୍ସବ ପାଇଁ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି ବ୍ରାହ୍ମଣଙ୍କ ଦ୍ୱାରା ପୂଜା କରାଯାଇ ଧ୍ୱଜା ବନ୍ଧାଯାଇଥିଲା। ଏହାପରେ ମଞ୍ଚ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ହିଣ୍ଡାଲକୋ କମ୍ପ୍ଲେକ୍ସ ଏଚ୍‌ଆର୍ ମୁଖ୍ୟ ବିଶ୍ୱାସ ସିନ୍ହେଧ, ପ୍ଲାଣ୍ଟ ମୁଖ୍ୟ ଦେବାଶିଷ ମଲିକ, ଏଫ୍‌ଆର୍‌ପିଏଚ୍‌ଆର୍ ମୁଖ୍ୟ ଶିବ ପ୍ରସାଦ ମିଶ୍ର, ସ୍ମେଲ୍ଟର ଇଆର୍ ଓ ଆଇଆର୍ ମୁଖ୍ୟ ସତ୍ୟ ପ୍ରକାଶ ଦାସ, ସିଏସ୍‌ଆର ମୁଖ୍ୟ ସୁକାନ୍ତ ମହାପାତ୍ର, ମହୋତ୍ସବ କମିଟିର କାର୍ଯକାରୀ ସଭାପତି ସିମାଞ୍ଚଳ ଖଟାଇ, ଉପସଭାପତି ସଚୀ କାନ୍ତ ମିଶ୍ର, ଲଳିତ ପାଇକରାୟ, ବିରେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ଶାନ୍ତନୁ ବଡ଼ପଣ୍ଡା, ସଂଗଠନ ସମ୍ପାଦକ ପ୍ରଦୀପ ପଣ୍ଡା, ସାଂସ୍କୃତିକ ସଂଯୋଜକ ସଞ୍ଜୀବ କୁମାର ପଣ୍ଡା, ବରିଷ୍ଠ ସଭ୍ୟ ଅଶୋକ ପଣ୍ଡା, ଭାସ୍କର ଦାସ, ଘନଶ୍ୟାମ ବାର୍ତିଆ, ସୁକାନ୍ତ ମହାରଣା, ଅମର ଗୌଡ଼, ଟୁଟୁ ହୋତା, ଶ୍ରୀମନ୍ତ ବେହେରା, ବାଳକୃଷ୍ଣ ତ୍ରିପାଠୀ, ଜ୍ଞାନେନ୍ଦ୍ରିୟ ଦାସ, ଉମା ଶଙ୍କର ଗୌଡ଼, ଜିତେନ୍ଦ୍ର ବନ୍ଧୁକି ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ଘାଟରେ ଜଳିଲା ୧ ଲକ୍ଷ ୧୧ ହଜାର ଦୀପ



ସମ୍ବଲପୁର, ୨୨।୧(ସମିସ): ଅଯୋଧ୍ୟା ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ସମ୍ବଲପୁର ମହାନଦୀ ଆଯୋଧ୍ୟା ସରୋବର ଘାଟରେ ମହାଆଳତୀ ହୋଇଥିଲା। ବନାରସରୁ ପାଞ୍ଚଜଣିଆ ପଣ୍ଡିତ ମଣ୍ଡଳୀ ଆସି ପୂଜାପାଠ କରିଥିଲେ। ମହାନଦୀ ଘାଟରେ ୧ ଲକ୍ଷ ୧୧ ହଜାର ୧୧ ଶହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ହଜାର ସଂଖ୍ୟାରେ ଭକ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମ୍ବଲପୁର ମହାନଗର ନିଗମ, ଜିଲ୍ଲା ପ୍ରଶାସନର ଓ ପୁଲିସ ସମସ୍ତ ବିଭାଗ ସହଯୋଗ କରିଥିଲେ। ଅପରାହ୍ନ ୪ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତି ୯ ଟା ପର୍ଯ୍ୟନ୍ତ ଚାଲିଥିଲା। ପଣ୍ଡିତମାନେ ସନ୍ଧ୍ୟାରେ ମହାନଦୀରେ ଆଳତୀ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଖିବାକୁ ଭିଡ଼ ଲାଗି ରହିଥିଲା। ଚାଉଁରପୁର ଗ୍ରାମର କୁମ୍ଭାର ପରିବାରରୁ ଏହି ଦୀପ କିଣାଯାଇଥିଲା। ମାରୱାଡି ଯୁବ ମଞ୍ଚ, ମହିଳା ସମିତିର ସଦସ୍ୟାମାନେ ମଧ୍ୟ ସହଯୋଗ କରିଥିଲେ।

## ହନୁମାନ ମନ୍ଦିରେ ଆଳତି, ପ୍ରସାଦ ବଣ୍ଟନ



ସମ୍ବଲପୁର, ୨୨।୧(ସମିସ): ସମ୍ବଲପୁର ମହାନଗର ନିଗମ ମ୍ୟୁନିସିପାଲଟି ଛକରେ ଥିବା ହନୁମାନ ମନ୍ଦିରରେ ଆଜି ସ୍ୱତନ୍ତ୍ର ଭାବେ ପୂଜା କରାଯାଇଥିଲା। ସନ୍ଧ୍ୟାରେ ୧୦୮ ଆଳତୀ କରାଯାଇଥିଲା। ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହାଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବହୁ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗ ଦେଇ ହନୁମାନଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ।

## ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ବୈଠକ

ସମ୍ବଲପୁର, ୨୨।୧(ସମିସ): ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ବର୍ଷ ଧରି ଆଦିବାସୀମାନେ ରହିଥିବା ସ୍ଥାନରେ ପଟ୍ଟା ପ୍ରଦାନ କରାଯାଉ ନାହିଁ। ଜାଗା ମିଶନରେ ସାମିଲ ହୋଇପାରୁ ନାହାନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ରାଜ୍ୟ ସରକାରଙ୍କୁ ଏ ନେଇ ଏକ ଦାବିପତ୍ର ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ପ୍ରଶାନ୍ତ କୁମାର ହାଓ, ଶ୍ୟାମ ସୁନ୍ଦର ମୁଣ୍ଡା, ସୁଷମା ଜେନା, ତପସ୍ୱିନୀ ବାରିକ, ସସ୍ମିତା ବାରିକ, ଶାନ୍ତି ପ୍ରଧାନ, କମଲେଶ୍ୱରୀ ଅଚାରି ରିତା ଶର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ।

## ମାଁ ଇଲେକ୍‌ଟ୍ରୋନିକ୍ସ ଉଦ୍‌ଘାଟିତ

ସମ୍ବଲପୁର, ୨୨।୧(ସମିସ): ସମ୍ବଲପୁର ସହର ଅଇଁଠାପାଲି ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଆଜି ମାଁ ଇଲେକ୍‌ଟ୍ରୋନିକ୍ସ ଉଦ୍‌ଘାଟିତ ହୋଇଛି। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଫିତା କାଟି ଏହାର



ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସୋ'ରୁମ୍ ପକ୍ଷରୁ ପ୍ରତ୍ୟେକ ତିନି ହଜାର ଟଙ୍କା ଉପରେ ନିଶ୍ଚିତ ଉପହାର ରହିଥିଲା। ଏଥିସହ ୧୨ ହଜାର ୫୦୦ ଟଙ୍କାର ସାମଗ୍ରୀ କିଣିଲେ ଉପହାର ସହିତ ଲକି-ଡ୍ର କୁପନ୍ ରହିଥିଲା। ଯେଉଁଥିରେ ଗ୍ରାହକ ମାରୁତି- ସୁଜୁକି ଅଲଟୋ କେ-୧୦ ଜିତିବାର ସୁଯୋଗ ପାଇପାରିବେ। ଏଠାରେ ବିଭିନ୍ନ କମ୍ପାନି ଯଥା ଲୁମିନସ୍, ସୋନି, ବାଲପୁର, ଲୟଡ, ବ୍ଲୁଷ୍ଟାର, ଆଇଏଫ୍‌ବି, ସିମ୍ଫୋନି, ଏସ୍କାଇଡ଼, ଫିଲିପ୍ସ, ଭିଗାର୍ଡ଼, ଲୁମିନ୍ ଏବଂ ଅନ୍ୟ କମ୍ପାନିର ଇଲେକ୍‌ଟ୍ରୋନିକ୍ସ ରହିଛି। ସମସ୍ତ ସାମଗ୍ରୀ ଉଚିତ୍ ମୂଲ୍ୟରେ ଉପଲବ୍ଧ ରହିବ। ଏହି ସମୟରେ ସଂସ୍ଥାର ପ୍ରଯୋଜକ ସୁଜିତ କୁମାର ପଣ୍ଡା, ଅଜିତ୍ ପଣ୍ଡା, ସବିତ ପଣ୍ଡା, ଅସିତ ପଣ୍ଡା, ବିଜୟ ପଣ୍ଡା, ମା ପଦ୍ମାଶିନୀ ପଣ୍ଡା ଓ ସୋ'ରୁମ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଦ୍‌ଘାଟନି ଦିନ ସାମଗ୍ରୀ କିଣି ଥିବା ଗ୍ରାହକଙ୍କୁ ଉପହାର ସହ ଫ୍ରି ହୋମ୍ ଡିଲିଭରି ଦିଆଯାଇଥିଲା।

## କିଶୋରୀ ବାଳିକା ସଚେତନତା ସଭା

ମାନେଶ୍ୱର, ୨୨।୧(ସମିସ): କିଶୋରୀ ବୟସ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଓ ଏହି ସମୟର ସ୍ୱାସ୍ଥ୍ୟ ଆଗାମୀ ଭବିଷ୍ୟତ ପାଇଁ ମୂଲ୍ୟବାନ ଜୀବନ ଦର୍ଶନ। ତେଣୁ କୈଶୋର ସ୍ୱାସ୍ଥ୍ୟ ପ୍ରତି ସମସ୍ତଙ୍କୁ ସଚେତନ କରାଇବା ନେଇ ଆଜି ମାନେଶ୍ୱର ବ୍ଲକ ଧମା ପଞ୍ଚାୟତ ଠାରେ କିଶୋରୀ ବାଳିକାଙ୍କ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଧମା ସରପଞ୍ଚ ଲଳିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ସୁପରଭାଇଜର ଉଷାସୁନ୍ଦର ପାଣି, ଏଲ୍‌ଏଚ୍‌ବି ସରୋଜିନୀ ଲାକ୍ରା ଯୋଗଦେଇ କୈଶୋର ବୟସର ସମସ୍ତ ଦିଗକୁ ନେଇ ବୁଝାଇଥିଲେ। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ସହିତ ସମ୍ପର୍କ ରଖି ନିଜ ଭିତରେ ଦେଖା ଦେଉଥିବା ସମସ୍ୟାକୁ ସହଜରେ ଉପଚାର କରିହେବ ବୋଲି ବାଳିକା ମାନଙ୍କୁ ବୁଝାଇଥିଲେ। ସଚେତନତା ସଭାରେ ଧମାର ବହୁ କିଶୋରୀ ବାଳିକା ଅଂଶ ଗ୍ରହଣ କରିଥିବା ବେଳେ ଅଙ୍ଗନୱାଡି କର୍ମୀ ମାନେ ଉପସ୍ଥିତ ଥିଲେ।

## ରାମମୟ ହୀରାକୁଦ ସହର

ହୀରାକୁଦ, ୨୨।୧(ସମିସ): ଆଜି ମହାପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ନେଇ ହୀରାକୁଦ ସହର ମଧ୍ୟ ରାମମୟ ହୋଇଥିଲା। ସହରରେ ଥିବା ପ୍ରତ୍ୟେକ ମନ୍ଦିରରେ ଏହି ଅବସରରେ ପୂଜାର୍ଚ୍ଚନା କରାଯାଇଥିଲା। ସାରା ସହରରେ ରାମଙ୍କ ବାନା ସହ ରାମଙ୍କ ଭଜନରେ ଗୁଞ୍ଜରିତ ହୋଇଥିଲା।



ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ବ୍ରାହ୍ମଣ ପରିବାର ପକ୍ଷରୁ ସୁନ୍ଦରାକାଣ୍ଡ ପରାୟଣ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ସହ ସନ୍ଧ୍ୟାରେ ମନ୍ଦିରକୁ ଦୀପରେ ସଜା ଯାଇଥିଲା। ଚକ୍ରବର୍ତ୍ତୀପଡ଼ା ହନୁମାନ ମନ୍ଦିରରେ ରାମାୟଣ ପାଠ ଓ ଦୀପ ଉତ୍ସବ, ବୀର ସୁରେନ୍ଦ୍ର ସାଏ ଛକ ହନୁମାନ ମନ୍ଦିରରେ ହୋମ ସହ ପ୍ରସାଦ ସେବନ, ବଜାର ସମଲେଶ୍ୱରୀ ମନ୍ଦିରରେ ପୂଜା ସହ ପ୍ରସାଦ ସେବନ, ଆଲିଣ୍ଡ ରାମ ମନ୍ଦିରରେ ହୋମଯଜ୍ଞ ସହ ପ୍ରସାଦ ସେବନ, ମାଳିପଡ଼ା ହନୁମାନ ମନ୍ଦିରରେ ମିଷ୍ଟାନ୍ନ ବଣ୍ଟନ ସହ ଦୀପ ଉତ୍ସବ, ଆର୍‌ଏସ୍ କଲୋନୀ ରାମ ମନ୍ଦିରରେ ମଧ୍ୟ ହୋମଯଜ୍ଞ ସହ ପ୍ରସାଦର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ପ୍ରତ୍ୟେକ ଘରେ ଦୀପ ଜାଳି ଓ ବାଣ ଫୁଟାଇ ସମସ୍ତେ ଦୀପାବଳି ମନାଇଥିଲେ।

## ବିଜେଡିର ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ




ହୀରାକୁଦ, ୨୨।୧(ସମିସ): ହୀରାକୁଦ ଗାନ୍ଧୀନଗର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୱାର୍ଡ ନମ୍ବର ୮ ଏବଂ ଦୁର୍ଗା ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ୱାର୍ଡ ନମ୍ବର ୯ର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାଶ, ରେଢ଼ାଖୋଲ ବିଧାୟକ ତଥା ଜିଲ୍ଲା ସଭାପତି ରୋହିତ ପୁଝାରୀ, ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, କେନ୍ଦୁପତ୍ର ନିଗମର ଅଧ୍ୟକ୍ଷ ସଞ୍ଜିତ ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ବନ୍ଦିତା ରାଣୀ ମିଶ୍ର, ପର୍ଯ୍ୟବେକ୍ଷକ ସୌଭଗ୍ୟ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ମହାନଗର ସଭାପତି ସତିଶ ବିଶିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନରେ ବିଧାନସଭା ଓ ଲୋକସଭା ଉଭୟ ସିଟ୍ ହାତେଇବା ପାଇଁ କଠିନ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ ଓ ପ୍ରଦୀପ ରାଉତ ରାୟ। ଏହି କାର୍ଯ୍ୟକ୍ରମରେ ଦେବାଶିଷ ନନ୍ଦ, ସିପ୍ରା ମହାନ୍ତି, ସୁଶାନ୍ତ ପାଣିଗ୍ରାହୀ, କୁନ୍ତୀ ସିଂହ, ତ୍ରିବେଣୀ ପଣ୍ଡା, ଟୁନି ବଗର୍ତ୍ତୀ, ଭାସ୍କର ଦାଶ, ମମତା ମୁଦୁଲି, ଭାଗ୍ୟଲତା ଚୌଧୁରୀ, ଜଗନ୍ନାଥ ଚୌଧୁରୀ, ଫକୀର ପ୍ରଧାନ, ମାନଭଞ୍ଜନ ତ୍ରିପାଠୀ, ଗୋପକୃଷ୍ଣ ଦାଶ, ସତ୍ୟ ନାରାୟଣ ସ୍ୱାଇଁ, ତରଣୀସେନ ଚାନ୍ଦ, ପାରୋ ମୁଣ୍ଡା, ବାସନ୍ତୀ ପାଣିଗ୍ରାହୀ, ନରେନ୍ଦ୍ର ବିଶ୍ୱାଳ, ବ୍ରହ୍ମଦେବ ମହାନ୍ତି, ବିଜୟ ପଣ୍ଡା, ବିନୟ ନାୟକ, ପ୍ରମିଳା ପ୍ରଧାନ ଉପସ୍ଥିତ ଥିଲେ।

# ମହାନଦୀସ୍ଥ ରାମ ପାଦ ଚିହ୍ନରେ ପୂଜା

ସମ୍ବଲପୁର, ୨୨।୧(ସମିସ)

ସମ୍ବଲପୁର ମହାନଦୀ ଗର୍ଭରେ ସ୍ଥିତ ଶ୍ରୀରାମ ପାଦରେ 'ସକ୍ଷମ' ପକ୍ଷରୁ ହୋମଯଜ୍ଞ ଓ ପୂଜାକର୍ମ ସମ୍ପନ୍ନ ହୋଇଛି। ଅଯୋଧ୍ୟାରେ ରାମଲଲ୍ଲାଙ୍କର ପ୍ରାଣ ପ୍ରତିଷ୍ଠା ସମୟରେ ଶ୍ରୀରାମ ପାଦ ଠାରେ ସକ୍ଷମ ପକ୍ଷରୁ ହୋମଯଜ୍ଞ ଓ ପୂଜାର୍ଚ୍ଚନା ହୋଇଥିଲା। ଅଯୋଧ୍ୟାରେ ୫୦୦ବର୍ଷର ଅନ୍ତରାଳରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ତଥା ରାମଲଲ୍ଲାଙ୍କର ପ୍ରାଣ ପ୍ରତିଷ୍ଠା ପରିପ୍ରେକ୍ଷୀରେ ସମ୍ବଲପୁର ସହରର ମହାନଦୀ ଗର୍ଭରେ ସ୍ଥିତ ପ୍ରଭୁ ଶ୍ରୀରାମଙ୍କର ସହ ସମ୍ପୃକ୍ତି ଥିବା ଏକମାତ୍ର ଧାର୍ମିକ ତଥା ଐତିହାସିକ ପୀଠ ଶ୍ରୀରାମ ପାଦ ଠାରେ ସାମାଜିକ ସଂଗଠନ ସକ୍ଷମ ଓ ଦୁର୍ଗାପାଲି ଗାମବାସୀଙ୍କ ସହଯୋଗରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ହୋମଯଜ୍ଞ ତଥା ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଏହି ଶ୍ରୀରାମ ପାଦକୁ ନେଇ ଅନେକ ଐତିହାସିକ ଗବେଷଣା ଜାରି ରଖିଥିବା ବେଳେ ଶ୍ରୀରାମ ପାଦରେ ଥିବା ଶିଳାଲେଖରୁ ଜଣାଯାଏ ଯେ, ଆଜିକୁ ପ୍ରାୟ ୫୫୦ବର୍ଷ ପୂର୍ବେ ତଥା ୧୪୭୪ ମସିହାରେ ୧୫ଜଣ ସାଧୁ ୧୪ଦିନ ଯାଏ ହୋମଯଜ୍ଞ କରିବା ସହ



ଶ୍ରୀରାମ ମନ୍ତ୍ର ଜପ କରିଥିଲେ। ସେହି ଦୃଷ୍ଟିରୁ ଆଜି ଆୟୋଜକଙ୍କ ଦ୍ୱାରା ରୀତି ମତେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ପୂର୍ବକ ହୋମଯଜ୍ଞ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଡଙ୍ଗା ସାହାଯ୍ୟରେ ଏହି ପବିତ୍ର ଶ୍ରୀରାମ ପାଦକୁ ଦର୍ଶନ କରିଥିଲେ। ଏଥିସହ ପ୍ରସାଦ ବଣ୍ଟନ ମଧ୍ୟ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ସୂର୍ଯ୍ୟ ପାଣିଗ୍ରାହୀ, ସରୋଜ ସାହୁ, ଡାକ୍ତର ପ୍ରଭାସ ଦେବତା, ରଞ୍ଜିତ ରଥ, ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ସଞ୍ଜୟ ଠାକୁର, ମନିତୋଷ ସାହୁ, ସୌମିତ୍ର ସାହୁ, ଶୁଭମ ମେହେର, ସୌରଭ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।